## ସଂକ୍ଷେପରେ

### ୭ ଜୁଆଡ଼ି ଗିରଫ, ୨୩ ହଜାର ଜବତ

ବାଲିମେଲା, ୩୦।୧୦(ଶିବ ଦତ୍ତ ସାହୁ)

ମାଲକାନଗିରି ଜିଲା ଓର୍କେଲ ପୋଲିସ କୋରୁକୋଣ୍ଡା ବ୍ଲକ ଏମ୍‌ଭି ୧୦୪ ଗ୍ରାମରେ ରବିବାର ରାତିରେ ଏକ ଜୁଆଆଡାରେ ଚଢ଼ାଉ କରି ୭ ଜୁଆଡ଼ଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୨୩,୪୨୦ଟଙ୍କା ଓ ତିନୋଟି ମୋବାଇଲ ଜବତ କରାଯାଇଛି। ସୂଚନା ଅନୁଯାୟୀ, ରବିବାର ରାତିରେ ଓର୍କେଲ ପୋଲିସର ଏକ ଟିମ୍ କୋରୁକୋଣ୍ଡା ବ୍ଲକ ଏମ୍‌ଭି ୧୦୪ ଗ୍ରାମରେ ଜୁଆଖେଳ ହେଉଥିବା ଖବର ପାଇ ଅତର୍କିତ ଚଢ଼ାଉ କରି ସେଠାରୁ ୭ ଜୁଆଡିଙ୍କୁ ଗିରଫ କରିବା ସହ ୨୩,୪୨୦ ଟଙ୍କା ଓ ତିନୋଟି ମୋବାଇଲ ଜବତ କରିଥିଲା। ଗିରଫମାନେ ହେଲେ ସେହି ଗ୍ରାମର କ୍ରିଷ୍ଣା ସର୍ଦ୍ଦାର, ଯୋଗେନ୍ଦ୍ର ନାମା, ନିତ୍ୟା ମଣ୍ଡଳ, କ୍ରିଷ୍ଣା ମଣ୍ଡଳ, ବସନ୍ତ ବିଶ୍ୱାସ, ନନୀ ଗୋପାଳ କୀର୍ତ୍ତନିୟା ଓ ପ୍ରକାଶ ହାଲଦାର। ଏ ନେଇ ଓର୍କେଲ ଥାନାରେ ନଂ. ୩୫୭/୨୩ ମାମଲା ରୁଜୁ କରି ପୋଲିସ ସୋମବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଧୀରେନ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ମାଲକାନଗିରି ଜିଲାକୁ ମରୁଡି ଘୋଷଣା କରାଯାଉ

### ନବନିର୍ମାଣ କୃଷକ ସଂଗଠନ

ମାଲକାନଗିରି, ୩୦।୧୦(ଦୁର୍ଯ୍ୟୋଧନ ପାତ୍ର)



ଚାଷୀ ଓ ସଂଗଠନ କର୍ମକର୍ତ୍ତାମାନେ ଧାନ ଗଛ ଧରି ପ୍ରତିବାଦ କରୁଛନ୍ତି ।

ନବ ନିର୍ମାଣ କୃଷକ ସଂଗଠନ, ମାନବ ଅଧିକାର ସଂଗଠନ ତରଫରୁ ମାଲକାନଗିରି ବସ୍‌ଷ୍ଟାଣ୍ଡରୁ ଶୋଭା ଯାତ୍ରାରେ ଚାଷୀମାନେ ଜିଲା ସଭାପତି ଏରା ପଡିଆମିଙ୍କ ନେତୃତ୍ୱରେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ସୋମବାର ବିକ୍ଷୋଭ କରିଥିଲେ । ଏହି ସଭାରେ ନବ ନିର୍ମାଣ କୃଷକ ସଂଗଠନ ରାଜ୍ୟ ସହ ସଂଯୋଜକ ଓ ମୋ ଦଳର ରାଜ୍ୟ ସାଧାରଣ ସମ୍ପାଦକ ଉମାକାନ୍ତ ଭାରତ ଯୋଗଦେଇ କହିଲେ, ଚାଷୀମାନେ ପିଢି ପିଢି ଧରି ମାଲକାନଗିରି ଜିଲାରେ ଚାଷ କରି ଚାଲିଛନ୍ତି। ସ୍ୱାଧୀନତାର ୭୭ ବର୍ଷ ପରେ ମଧ୍ୟ ଚାଷୀ ଆତ୍ମହତ୍ୟା କରିଚାଲଛି। ଓଡିଶା ମରୁଡି, ବନ୍ୟା ଓ ବାତ୍ୟାର ଶିକାର ହେଉଛି। ସରକାରୀ ଅଧିକାରୀଙ୍କର ଦରମା ବଢୁଛି, କିନ୍ତୁ ଚାଷୀଙ୍କ ରିଲିଫ କୋଡ ସଂଶୋଧନ ହେଇପାରୁନି। ଯାହାଦ୍ୱାରା ବର୍ତ୍ତମାନ ସରକାରୀ ଅନୁସାରେ ଜଳସେଚିତ ଜମିର ୧ ହେକ୍ଟର ପାଇଁ ୧୩୫୦୦, ଅଣଜଳସେଚିତ ଜମି ପାଇଁ ୬୫୦୦ ହେକ୍ଟର ପିଛା ଏହା ସମୁଦ୍ରକୁ ଶଙ୍ଖେ ପରି। ଓଡିଶାରେ ପ୍ରାକୃତିକ ସମ୍ପଦ ୭ଟା ଜିନିଷରେ ଭାରତ ବର୍ଷରେ ଏକ ନମ୍ବର । ଜଙ୍ଗଲ ୪୮୦ କି.ମି. ସମୁଦ୍ର ବେଳାଭୂମି ଅଛି। କିନ୍ତୁ ରାତି ପାହିଲେ ମାଛ, ଅଣ୍ଡା, କଦଳୀ, ଫୁଲ, ଆଳୁ, ପିଆଜ ଓ ଡାଲି ଇତ୍ୟାଦି ଯାହା ଖାଉଛେ ତାହା ବାହାର ରାଜ୍ୟ ଉପରେ ନିର୍ଭର କରି ଚାଲିଛି। ଓଡିଶାକୁ ମଦ ମୁକ୍ତ କରାଯାଉ, ଆଦିବାସୀ ଜିଲା ହିସାବରେ ପ୍ରତିବର୍ଷ ଦାଦନର ସୁଅ ଛୁଟୁଛି। ଚଳିତ ବର୍ଷ ଯଦି ମରୁଡି ଜିଲା ଭାବେ ଘୋଷିତ ନ କରିବେ ତେବେ ରାଜ ରାସ୍ତାଠାରୁ ବିଧାନ ସଭା ପର୍ଯ୍ୟନ୍ତ ଆନ୍ଦୋଳନ କରାଯିବ । ଆମର ଦରକାର ଚାଷୀ ସରକାର ସ୍ଲୋଗାନ ଦେଇଥିଲେ। ଏଥିରେ ଗୋପାଳ ମଣ୍ଡଳ, ଜୟଦେବ ବାଛାଡ, ବୁଦ୍ରା କାର୍ତ୍ତାମି ବକ୍ତବ୍ୟ ରଖିଥିଲେ । ୧୧ ଦଫା ଦାବି ମଧ୍ୟରେ ଜିଲାକୁ ମରୁଡି ଘୋଷଣା, ଧାନ ମଣ୍ଡିରେ କୁଇଣ୍ଟାଲ ୩୬୦୦ ଓ ଚାଷୀ ସୁରକ୍ଷା ଭତ୍ତା ପ୍ରତି ପରିବାର ମାସକୁ ୫ ହଜାର, ପ୍ରତି ବ୍ଲକରେ ଶୀତଳ ଭଣ୍ଡାର, ଚଳିତ ବର୍ଷ ମରୁଡି ହୋଇଥିବାରୁ ଛାତ୍ରୀଛାତ୍ରଙ୍କ ଫିଜ୍ ଛାଡ, ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ତିଆରି କରି ଜିଲାକୁ ଦାଦନମୁକ୍ତ କରିବା, ଜିଲାର ସମସ୍ତ ଜମିକୁ ଜଳସେଚନ ଆଦି ଦାବି ରହିଛି। ଅନ୍ୟମାନଙ୍କ ମଧ୍ୟରେ ଜଗା ମାଡକାମି, ମୁକା ପଡିଆମି, ସୀତାରାମ ଦୁବା, ମୁକା ଦୁବା, ସରପଞ୍ଚ ଇନ୍ଦ୍ରଜିତ ପଡିଆମି, ଲଛମନ ମାଡକାମି, ନନ୍ଦକୁମାର ଆଜମେରା, ମଦନ ହନ୍ତାଳ, ଦେବାନନ୍ଦ ମାଡକାମି, ସୁକାନ୍ତ ମାଡକାମି ଓ ଭୀମସେନ ମାଡକାମି ପ୍ରମୁଖଙ୍କ ସହ ଶତାଧିକ ଚାଷୀ କଯୋଗ ଦେଇଥିଲେ।

### ପ୍ରାତଃ ଭ୍ରମଣରେ ଯାଇ ଯୁବକ ନିଖୋଜ

ପଡିଆ, ୩୦।୧୦(ଭାସ୍କର ରାଓ)

ପ୍ରାତଃ ଭ୍ରମଣରେ ଯାଇ ଯୁବକ ନିଖୋଜ ହୋଇଯାଇଛନ୍ତି । ନିଖୋଜ ଯୁବକ ଜଣଙ୍କ ହେଲେ ସୁନୀଲ ପଡିଆମୀ (୧୯)। ଘଟଣା ପଡିଆ ବ୍ଲକ ସଦର କମାରସାହିରେ ଘଟିଛି। ପ୍ରକାଶ ଯେ, ସୋମବାର ସକାଳେ ସାଙ୍ଗମାନଙ୍କ ସହ ସୁନୀଲ ପ୍ରାତଃ ଭ୍ରମଣରେ ଯାଇଥିଲେ, କିନ୍ତୁ ମଧ୍ୟାହ୍ନ ସୁଦ୍ଧା ଘରକୁ ଫେରି ନ ଥିଲେ। ସାଙ୍ଗମାନଙ୍କୁ ପରିବାର ବର୍ଗ ପଚାରିବାରୁ ସେମାନେ କହିଥିଲେ ସକାଳେ ଆମସଙ୍ଗରେ ଆସୁଥିଲେ କିନ୍ତୁ ବାଟରୁ ଗାଧୋଇବା ପାଇଁ ନଦୀକୁ ଯାଇଥିଲେ। ଏହା ଶୁଣି ପରିବାର ବର୍ଗ ନିକଟସ୍ଥ ସାବେରୀ ନଦୀ କୂଳକୁ ଯାଇ ଦେଖିଥିଲେ ସୁନୀଲଙ୍କ ସାର୍ଟ ପ୍ୟାଣ୍ଟ ଏବଂ ମୋବାଇଲ ତୁଠରେ ଅଛି କିନ୍ତୁ ତାଙ୍କର କୌଣସି ଖୋଜ ଖବର ନାହିଁ। ତୁରନ୍ତ ପଡିଆ ଥାନାକୁ ଅବଗତ କରିବା ସହ ଅଗ୍ନିଶ୍ରମ ବାହିନୀକୁ ଖବର ଦିଆଯାଇଥିଲା। ଥାନା ଅଧିକାରୀ ନିରଞ୍ଜନ ପାଇକରାୟ ଏବଂ ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚି ଖୋଜା ଖୋଜି କରି ଥିଲେ। ସନ୍ଧ୍ୟା ହୋଇଯାଇଥିଲେ ସୁଦ୍ଧା ସୁନୀଲଙ୍କର କୌଣସି ସନ୍ଧାନ ମିଳି ପାରି ନ ଥିଲା। ମଙ୍ଗଳବାର ପୁନର୍ବାର ଅନୁସନ୍ଧାନ କରାଯିବ ବୋଲି ଥାନା ଅଧିକାରୀ ପାଇକରାୟ କହିଛନ୍ତି ।

### ଗୁଣୁପୁରରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ଗୁଣୁପୁର,୩୦।୧୦(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ସ୍ଥିତ ତହସିଲ ପଡିଆରେ ଆମ ଓଡ଼ିଶା ଓ ନବୀନ ଓଡିଶା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ସୋମବାର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି । ଗୁଣୁପୁର ନିର୍ବାଚନମଣ୍ଡଳୀର ସାମୂହିକ ବିକାଶ ପାଇଁ ଆର୍ଥିକ ଅନୁଦାନ ଦେଇଥିବାରୁ ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ଅଧକ୍ଷ ଭିକେ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆୟୋଜିତ ଏହି



କାର୍ଯ୍ୟକ୍ରମରେ ଗୁଣୁପୁର ଉପଜିଲାପାଳ ଲଳିତ କହଁର, ତହସିଲଦାର ଲୀଳାବତୀ ଆଚାର୍ଯ୍ୟଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସହ ବିଭିନ୍ନ ପଞ୍ଚାୟତର ଶତାଧିକ ମହିଳା ଉପସ୍ଥିତ ଥିଲେ ।

# ଦୁର୍ନୀତି ନିବାରଣ ସପ୍ତାହର ଶୁଭାରମ୍ଭ



କର୍ମଚାରୀମାନେ ଶପଥପାଠ କରୁଛନ୍ତି ।

ମାଲକାନଗିରି, ୩୦।୧୦(ଦୁର୍ଯ୍ୟୋଧନ ପାତ୍ର)

ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯିବ । ଏହି ଅବସରରେ ସୋମବାର ଲୋକସେବା ଭବନ ସଭାଗୃହରେ ରାଜ୍ୟସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେଠାରେ ଉପସ୍ଥିତ ସମସ୍ତ ବିଭାଗର ଅଧିକାରୀ ଓ ସମସ୍ତ ଜିଲା ଏବଂ ବ୍ଲକରେ ଥିବା ଅଧିକାରୀ, କର୍ମଚାରୀଙ୍କୁ ଭିଡିଓ କନଫେରେନ୍ସରେ

### ଅଧିକାରୀ, କର୍ମଚାରୀଙ୍କୁ ଶପଥ ପାଠ କରାଇଲେ ମୁଖ୍ୟମନ୍ତ୍ରୀ

ଶପଥ ପାଠ କରାଇଥିଲେ। ମାଲକାନଗିରି ଜିଲାପାଳଙ୍କ ଓସ୍ୱାନ୍ କକ୍ଷରେ ଜିଲାପାଳ ବିଶାଳ ସିଂ, ଆରକ୍ଷୀ ଅଧୀକ୍ଷକ ନିତେଶ ବାଧଓ୍ୱାନୀ ଓ ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଓ କର୍ମଚାରୀମାନେ ଶପଥ ପାଠ କରିଥିଲେ। ସେହିପରି ଜିଲା ଭିଜିଲାନ୍ସ ୟୁନିଟ ମାଲକାନଗିରିରେ ଡିଏସ୍‌ପି ସଦାନନ୍ଦ ପାଣିଙ୍କ ଅଧ୍ୟକ୍ଷତାରେ ଭିଜିଲାନ୍ସ କର୍ମଚାରୀଙ୍କ ଉପସ୍ଥିତିରେ ଶପଥ ପାଠ କରାଯାଇଥିଲା। ଜିଲାର ଅନ୍ୟାନ୍ୟ ସମସ୍ତ ବିଭାଗରେ ଶପଥ ପାଠ କରାଯାଇଛି।

ସୂଚନାଯୋଗ୍ୟ, ଭିଜିଲାନ୍ସ ବିଭାଗ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ସପ୍ତାହ ବ୍ୟାପି ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ୪ଗିରଫ

ବ୍ରହ୍ମପୁର,୩୦।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ନିମଖଣ୍ଡି ଥାନା ଅନ୍ତର୍ଗତ ଗୁରୁଣ୍ଡି ଗ୍ରାମରେ ବଳିଆ ଚୌଧୁରୀ ନାମକ ଜଣେ ଯୁବକଙ୍କୁ ଗତ ୨୮ ତାରିଖ ବିଳମ୍ବିତ ରାତିରେ ପ୍ରାଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ୪ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଗୁରୁଣ୍ଡି ଗ୍ରାମର ମାଧବ ନାଇକ, ମନୋଜ ସେଠୀ, ସୁମନ ପାତ୍ର ଓ ଶଙ୍କର ସାହୁ। ପୂର୍ବ ଶତ୍ରୁତାରୁ ବଳିଆଙ୍କୁ ଭାବେ ସଂଘବଦ୍ଧ ଆକ୍ରମଣ କରାଯାଇଥିଲା ବୋଲି ପୋଲିସ କହିଛି। ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ୨୮ ତାରିଖ କୁମାର ପୂର୍ଣ୍ଣିମା ପାଇଁ ଗାଁ ଚଳଚଞ୍ଚଳ ଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବଳିଆଙ୍କୁ କେତେଜଣ ଯୁବକ ଧାରୁଆ ଅସ୍ତ୍ର ଏବଂ ଲୁହା ଛଡ଼ରେ ସଂଘବଦ୍ଧ ଘାତକ ଆକ୍ରମଣ କରିଥିଲେ। ବଳିଆଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ୱାସ୍ଥ୍ୟାବସ୍ଥାରେ ସାମାନ୍ୟ ସୁଧାର ଆସିବା ପରେ ସେ ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୫୦୧/୨୩ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ଚିତ୍ରକୋଣ୍ଡାରେ ଗଜଲକ୍ଷ୍ମୀ ପୂଜା


ମଣ୍ଡପରେ ମା'ଙ୍କ ପୂଜାର୍ଚ୍ଚନା ।

ଚିତ୍ରକୋଣ୍ଡା,୩୦।୧୦(କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ମସ୍‌ଜିଦ ଛକରେ ଚଳିତ ବର୍ଷ ଭକ୍ତ ପ୍ରକାଶ ସାହୁଙ୍କ ଉଦ୍ୟମରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଛି । ୨୮ତାରିଖରେ ଚିତ୍ରକୋଣ୍ଡା ସିଲେରୁ ନଦୀ ବନଦୁର୍ଗା ମନ୍ଦିର ଘାଟରୁ କଳସ ଶୋଭାଯାତ୍ର ସହ ୩ ଦିନ ଧରି ମା'ଙ୍କ ପୂଜାର୍ଚ୍ଚନା, ହୋମ ଯଜ୍ଞ ଓ ଆଳତି ଆଦି ଲାଗି ରହିଥିଲା। ସୋମବାର ଚରୁ ଅନ୍ନ ଭୋଗ ସହ ୨ ହଜାର ଊର୍ଦ୍ଧ୍ୱ ଭକ୍ତ ପ୍ରସାଦ ସେବନ କରିବା ସହ ଅପରାହ୍ନରେ ପୂର୍ଣ୍ଣାହୂତି ଦିଆଯାଇଥିଲା। ଚିତ୍ରକୋଣ୍ଡାରେ ପ୍ରଥମ କରି ଲକ୍ଷ୍ମୀ ପୂଜାର ଆୟୋଜନ କରାଯାଇଥିବାରୁ ଉତ୍ସାହ ଦେଖାଦେଇଥିଲା।

### ୧୧ ଅଭିଯୋଗ ଶୁଣିଲେ ଅତିରିକ୍ତ ଜିଲାପାଳ

ଚିତ୍ରକୋଣ୍ଡା,୩୦।୧୦(କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସଭାଗୃହରେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଉପଜିଲାପାଳ ଅକ୍ଷୟ କୁମାର ଖେମୁଡୁଙ୍କ ସହଯୋଗରେ ସୋମବାର ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ଏଥିରେ ଚିତ୍ରକୋଣ୍ଡା ବ୍ଲକର ୧୮ ପଞ୍ଚାୟତରୁ ଆସିଥିବା ୧୧ ଅଭିଯୋଗର ଅତିରିକ୍ତ ଜିଲାପାଳ ଶୁଣାଣି କରିଥିଲେ। ଡିଆରଡିଏ ମୁଖ୍ୟ ନିର୍ବାହୀ ଅଧିକାରୀ ରତ୍ନାକର ସାହୁ, ପିଏ ଆଇଟିଡିଏ ଜୟଶ୍ରୀ,ଏଡିଏମ୍ ତ୍ରିନାଥ ମାଝି, ଜିଲା ସାମାଜିକ ସୁରକ୍ଷା ଅଧିକାରୀ,ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଫୁଲ୍ଲ ନନ୍ଦ, ଆଡିସିନାଲ ଏସ୍‌ପି, ଜିଲା ମଙ୍ଗଳ ଅଧିକାରୀ, ଚିତ୍ରକୋଣ୍ଡା ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲ, ତହସିଲଦାର,ଚିତ୍ରକୋଣ୍ଡା ବ୍ଲକ ସହକାରୀ ଯନ୍ତ୍ରୀ ସୂର୍ଯ୍ୟ ପ୍ରକାଶ ବେହେରା,ବନାଞ୍ଚଳ ଅଧିକାରୀ ବଳରାମ ନାୟକ, ଆରଡବ୍ଲୁଏସ୍‌ଏସ୍ ବିଭାଗ ଅଧିକାରୀ, ଡିଏସ୍‌ଡବ୍ଲୁଓ, ପ୍ରାଣୀ ଚିକିତ୍ସା ଅଧିକାରୀ, ବିଦ୍ୟୁତ୍ ତଥା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଏବଂ ସମସ୍ତ ଜିଲାସ୍ତରୀୟ ମୁଖ୍ୟମାନଙ୍କୁ ନେଇ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜନ ଶୁଣାଣି କାର୍ଯ୍ୟକ୍ରମରେ ସ୍ଥାନୀୟ ଚିତ୍ରକୋଣ୍ଡାରେ ଆହାର କେନ୍ଦ୍ର ନିର୍ବାଣ,ଚିତ୍ରକୋଣ୍ଡାକୁ ସବ୍‌ଡିଭିଜନ, ଏସ୍‌ଡିଜିଏମ୍ କୋର୍ଟ ସ୍ଥାପନ, ଉପଖଣ୍ଡ ଚିକିତ୍ସାଳୟକୁ ସମ୍ପୂର୍ଣ୍ଣ କ୍ଷମତା ହସ୍ତାନ୍ତର ଏବଂ ଉପଖଣ୍ଡ ଚିକିତ୍ସାଳୟରେ ଜନ୍ମ ମୃତ୍ୟୁ ପ୍ରମାଣ ପତ୍ର ମିଳୁ ଓ ଏଥି ସହିତ ଉପାନ୍ତ ଅଞ୍ଚଳ ବାସୀଙ୍କ ନିମନ୍ତେ ରାସ୍ତା ଘାଟ,ଜଳ ପ୍ରକଳ୍ପ ସମସ୍ୟା ସମାଧାନ,ସ୍ୱାଭିମାନ ଅଞ୍ଚଳରେ ବ୍ୟାଙ୍କ ତଥା ଏଟିଏମ୍ ସ୍ଥାପନ,ଚିତ୍ରକୋଣ୍ଡାକୁ ଲ୍ୟାମ୍ପସ୍,ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟ ସ୍ଥାନାନ୍ତର, ପାନୀୟ ଜଳ ଏବଂ ଅନ୍ୟାନ୍ୟ ମୌଳିକ ସୁବିଧା ନିମନ୍ତେ ଅଭିଯୋଗ ସହ ଉପାନ୍ତ ଅଞ୍ଚଳକୁ ରାସ୍ତା,ବିଦ୍ୟାଳୟ, ଶିକ୍ଷକ ସମସ୍ୟା ଦୂର କରିବା ଆଦି ଉପରେ ଆବେଦନ ଆସିଥିଲା।

# ମହୁପଦରକୁ ହରାଇ ଆକୁର ବିଜୟୀ

ମାଲକାନଗିରି, ୩୦।୧୦(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ବ୍ଲକ ଉଡୁପା ପଞ୍ଚାୟତ ଆକୁର ଗ୍ରାମରେ ନେତାଜୀ କ୍ଲବ ତରଫରୁ ସୋମବାର କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି। ଖେଳ ମହୁପଦର ଓ ଆକୁର ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଆକୁର ନିର୍ଦ୍ଧାରିତ ସମୟରେ ୭ ଉଇକେଟରେ ମହୁପଦରକୁ ହରାଇ ବିଜୟୀ ହୋଇଛି। ବିଜୟୀ ଦଳକୁ ମୁଖ୍ୟ ଅତିଥି ଉଡୁପା ସମିତିସଭ୍ୟା ତଥା ମାଲକାନଗିରି ବ୍ଲକ ପୂର୍ବତନ ଅଧ୍ୟକ୍ଷା ସୁକାନ୍ତି ବୁରୁଦା ଟ୍ରଫି ପ୍ରଦାନ କରିବା ସହ ରନର୍ସ ଦଳକ କପ୍



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ ।

### କ୍ରିକେଟ ଟୁର୍ନାମେଣ୍ଟ

ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଉଡୁପା ସରପଞ୍ଚ ଗଙ୍ଗା ମାଡକାମି, ପୂର୍ବତନ ନାଏବ ସରପଞ୍ଚ ରମା ମାଢି, ଗୁରୁଚରଣ ବୁରୁଦା, ପ୍ରହ୍ଲାଦ ମାଡକାମି ଓ ରାଜୀବ ବୁରୁଦା, ଖେଳାଳୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଖେଳ ଦେଖିବାକୁ ୨ ହଜାରରୁ ଊର୍ଦ୍ଧ୍ୱ କ୍ରୀଡା ପ୍ରେମୀ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ପୂର୍ବତନ ଅଧ୍ୟକ୍ଷା ବୁରୁଦା ଟୁର୍ନାମେଣ୍ଟରେ ଭାଗ ନେଇଥିବା ୧୪ ଟିମ୍‌ର ସମସ୍ତ ଖେଳାଳୀଙ୍କୁ ବ୍ୟାଟ, ବଲ୍, ଫୁଟ୍‌ବଲ, ଭଲିବଲ ଓ ଅନ୍ୟାନ୍ୟ କ୍ରୀଡା ସାମଗ୍ରୀ ବଣ୍ଟନ କରିଥିଲେ।

### ଆନ୍ଧ୍ର-ଓଡ଼ିଶା ସୀମାରେ ଟ୍ରେନ୍ ଦୁର୍ଘଟଣା
### ଉଦ୍ଧାର କାର୍ଯ୍ୟ ପାଇଁ ରାୟଗଡ଼ା ଜିଲା ପ୍ରଶାସନର ତତ୍ପରତା

ରାୟଗଡ଼,୩୦।୧୦(ଭାଗ୍ୟଶ୍ରୀ ମିଶ୍ର)

ଆନ୍ଧ୍ରପ୍ରଦେଶର କଣ୍ଟକାପାଲୀ ଓ ଆଲମଣ୍ଡା ରେଳ ଷ୍ଟେଶନ ମଧ୍ୟରେ ରବିବାର ସନ୍ଧ୍ୟାରେ ଘଟିଥିବା ଟ୍ରେନ ଦୁର୍ଘଟଣାକୁ ନେଇ ରାୟଗଡ଼ା ଜିଲା ପ୍ରଶାସନ ତତ୍ପର ହୋଇଉଠିଛି। ରାୟଗଡ଼ା ଜିଲାପାଳ ସ୍ୱାଧାଦେବ ସିଂ ସ୍ୱତନ୍ତ୍ର ରିଲିଫ କମିଶନର ପରାମର୍ଶକ୍ରମେ ତ୍ୱରିତ ପଦକ୍ଷେପ ନେଇଛନ୍ତି । ଦୁର୍ଘଟଣାସ୍ଥଳରେ ଅଟକି ରହିଥିବ ଯାତ୍ରୀଙ୍କୁ ଆଣିବା ନିମନ୍ତେ ବିଜୟନଗର ଡିପୋରୁ ୨ଟି ବସ ଓ ରାୟଗଡାରୁ ୪ଟି ବସ୍ ପଠାଯାଇଛି । ଜିଲାର ଏନଡିଆରଏଫ ଦଳକୁ ଉଦ୍ଧାର କାର୍ଯ୍ୟ ପାଇଁ ପଠାଯାଇଛି । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସଂଜଯୋକ ଓ ଜଣେ ବରିଷ୍ଠ ରାଜସ୍ୱ ଅଧିକାରୀଙ୍କ ସହିତ ଡାକ୍ତର ଦଳ ବିଜୟ ନଗରମକୁ ପଠାଯାଇଛି । ସେଠାରେ ଯାତ୍ରୀମାନଙ୍କ ପାଇଁ ଖାଦ୍ୟ, ପାଣି ଓ ଔଷଧ ସାମଗ୍ରୀ ବ୍ୟବସ୍ଥା କରାଯାଇଛି । ରାୟଗଡା ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଆହତ ବ୍ୟକ୍ତିଙ୍କ ଚିକିତ୍ସା ନିମନ୍ତେ ଶଯ୍ୟା ସହିତ ରକ୍ତ ଭଣ୍ଡାର ବ୍ୟବସ୍ଥା କରି ପ୍ରସ୍ତୁତ କରାଯାଇଛି । ଆହତଙ୍କୁ ଅନ୍ୟତ୍ର ମେଡିକାଲକୁ ପଠାଇବା ଆବଶ୍ୟକ ହେଲେ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଉଛି । ଯେକୌଣସି ପରିସ୍ଥିତିକୁ ସମାଧାନ ପାଇଁ ରେଳ ବିଭାଗ ଓ ସ୍ଥାନୀୟ ଜିଲା ପ୍ରଶାସନ ସହିତ ରାୟଗଡା ଜିଲା ପ୍ରଶାସନ ନିରନ୍ତର ଯୋଗାଯୋଗ ରଖିଥିବା ଜିଲାପାଳ ସୂଚନା ଦେଇଛନ୍ତି ।

# ବିଏସ୍ଏଫ୍ ତରଫରୁ ଆଦିବାସୀ ଯୁବପିଢ଼ିଙ୍କ ଜମ୍ମୁ ଗସ୍ତ

ମାଲକାନଗିରି,୩୦।୧୦(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ବିଏସ୍‌ଏଫ୍ ତରଫରୁ ଆଦିବାସୀ ଯୁବତୀ ଯୁବକ ଜମ୍ମୁ ଗସ୍ତ କରିଛନ୍ତି। ବିଏସ୍‌ଏଫ୍ କମାଣ୍ଡାଣ୍ଟ ଶିବ ଓମ୍ ସୋମବାର ମାଲକାନଗରି ଜିଲା ଗ୍ରାମାଞ୍ଚଳରେ ବସବାସ କରୁଥିବା ୨୦ ଯୁବତୀ ଯୁବକଙ୍କୁ ଜମ୍ମୁ ପଠାଇଛନ୍ତି। ଏମାନେ ଆସନ୍ତା ୨ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ଜମ୍ମୁର ବିଭିନ୍ନ ପର୍ଯ୍ୟଟନସ୍ଥଳ ଭ୍ରମଣ କରିବା ସହ ସେଠାକାର ରାଜ୍ୟପାଳ, ବିଭିନ୍ନ ମନ୍ତ୍ରୀ, ସିନେ ତାରକା, ଟିଭି କଳାକାର ଓ ପୌରାଣିକ ସ୍ଥଳ ଇତ୍ୟାଦି ଭ୍ରମଣ କରିବେ। କାର୍ଯ୍ୟକ୍ରମରେ ବିଏସ୍‌ଏଫ୍ ଶୁଭଞ୍ଜନ ମହାପାତ୍ର, ନେହେରୁ ଯୁବ ସଂଘର ହରିଶ ରୁପାଳ ପ୍ରମୁଖ ଉପସ୍ଥିତ ଥିଲେ । ତେବେ ପୂର୍ବରୁ ବିଏସ୍‌ଏଫ ତରଫରୁ ୩୨୦ ଯୁବ ପିଢି ଦେଶର ବିଭିନ୍ନ ଅଞ୍ଚଳ ତଥା ହରିୟାଣାର ପଞ୍ଚକୁଲା, ଅହମ୍ମଦାବାଦ, ବେଙ୍ଗାଲୁର, ଭୋପାଳ, ପୁଡୁଚେରି, ନୂଆଦିଲ୍ଲୀ, ଚଣ୍ଡିଗଡ, କୋଚି ଓ ହାଇଦ୍ରାବାଦ ଆଦି ରାଜ୍ୟ ଭ୍ରମଣ କରି ଆସିଛନ୍ତି। ଏହାଦ୍ୱାରା ଗ୍ରାମାଞ୍ଚଳରେ ରହୁଥିବା ଯୁବପିଢିଙ୍କ ଜ୍ଞାନ ବଢିବା ସହ ଦେଶର ବହୁ ପୌରାଣିକ ଓ ପର୍ଯ୍ୟଟନ ସ୍ଥଳୀ ଭ୍ରମଣ କରି ଦେଖିପାରିବେ। ଏହାଦ୍ୱାରା ଦେଶରେ କେତେ ପ୍ରକାର ସାଂସ୍କୃତିକ ଦୃଶ୍ୟ ଅଛି ତାର ଜ୍ଞାନ ଆହୋରଣ କରିପାରିବେ ବୋଲି ଉପସ୍ଥିତ ଅଧିକାରୀମାନେ କହିଥିଲେ। ଆଗାମୀ ଦିନରେ ଆହୁରି ବହୁ ଯୁବପିଢିଙ୍କୁ ଦେଶର ବିଭିନ୍ନ ସ୍ଥାନକୁ ଭ୍ରମଣ ନିମନ୍ତେ ପଠାଇବାର କାର୍ଯ୍ୟକ୍ରମ ରହିଛି ବୋଲି କହିଥିଲେ ।


ଜମ୍ମୁ ଗସ୍ତପାଇଁ ମନୋନୀତ ହୋଇଥିବା ଯୁବତୀ ଯୁବକମାନେ ।

कार्यपालक अभियंता का कार्यालय
पथ निर्माण विभाग, पथ प्रमण्डल, गोड्डा

ई–प्रोक्योरमेंट सूचना

ई–निविदा सूचना सं० – RCD/GODDA/1344/2023-24 दिनांक– 30/10/2023

1. निविदा आमंत्रित करने वाले अधिकारी के कार्यालय का नाम, पता एवं मो0 नं0 – कार्यपालक अभियंता, प0नि0वि0, पथ प्रमण्डल, गोड्डा मो0 नं0– 8987675852
2. वेबसाईट में ई–निविदा प्रकाशन की तिथि/समय – 07.11.2023 के अपराह्न 03:30 बजे से
3. प्री–बीड बैठक का दिनांक/समय– 14.11.2023 के पूर्वाह्न 11:30 बजे
4. ऑनलाईन निविदा प्राप्त करने की अन्तिम तिथि/समय– 23.11.2023 के दोपहर 12:00 बजे तक
5. ई–निविदा खोलने की तिथि/समय– 24.11.2023 के अपराह्न 12:30 बजे
6. ई–प्रोक्योरमेंट सेल का हेल्पलाईन सं० /दूरभाष सं० – 0651–2446007

कार्य की विवरणी :–

| क्र० | कार्य का नाम | प्राक्कलित राशि (लाख में) | बीड जमानत की राशि (लाख में) | परिमाण विपत्र का मूल्य (लाख में) | कार्य पूर्ण करने की अवधि |
|---|---|---|---|---|---|
| 1. | गोड्डा जिलान्तर्गत "मोहनपुर (NH-133 पर) से करमाटाँड पथ भाया सिन्नी–ईमलीटाँड पथ (कुल लंबाई– 20.64 कि0मी0) का चौड़ीकरण एवं मजबूतीकरण/पुनर्निर्माण कार्य। | 6029.76047 | 60.30 | 10,000/– | 16 माह |
| 2. | गोड्डा जिलान्तर्गत "घटियारी (टेसोबथान– महादेव बथान पथ पर)–रतनपुर– राजपोखर (सुंदर डैम) पथ (कुल लंबाई– 11.720 कि0मी0) का चौड़ीकरण एवं मजबूतीकरण/पुनर्निर्माण कार्य। | 3862.33683 | 38.63 | 10,000/– | 20 माह |
| 3 | पथ प्रमंडल, गोड्डा अन्तर्गत "सुन्दरपहाड़ी (NH-333A)–चंदना–दामा– जमकुदार– अगियामोड़ पथ (कुल लंबाई– 24.440 कि0मी0) का चौड़ीकरण एवं मजबूतीकरण/पुनर्निर्माण कार्य। | 7278.12153 | 72.79 | 10,000/– | 18 माह |

नोट :– 1. प्राक्कलित राशि घट–बढ़ सकती है।
2. विशेष जानकारी के लिये http://jharkhandtenders.gov.in पर देखा जा सकता है।

कार्यपालक अभियंता,
पथ प्रमण्डल, गोड्डा

PR 310186 Road(23-24).D

## ସଂକ୍ଷେପରେ

### ବିକ୍ରମ ଦୋରା ବୋରିଗୁମ୍ମା ବିଡିଓ



ବୋରିଗୁମ୍ମା,୩୦।୧୦(ବିଜୟ ସାହୁ)

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକର ନୂଆ ବିଡିଓ ରୂପେ ବିକ୍ରମ ଦୋରା ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଗଞ୍ଜାମ ଜିଲା ଖଲିକୋଟ ବିଡିଓ ରୂପେ କାର୍ଯ୍ୟରତ ଥିଲେ। ରାଜ୍ୟର ବଡ଼ ବ୍ଲକ ରୂପେ ପରିଚିତ ବୋରିଗୁମ୍ମାର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ଉଦ୍ୟମ କରିବେ ବୋଲି ଦାୟିତ୍ୱ ଗ୍ରହଣ ଅବସରରେ କହିଛନ୍ତି। ସେହିପରି ବୋରିଗୁମ୍ମା ପ୍ରେସ କ୍ଲବ ସଭାପତି ବିଜୟ ନାରାୟଣ ସାହୁଙ୍କ ତତ୍ତ୍ୱାବଧାନରେ ଖବରଦାତା ରଞ୍ଜନ ମିଶ୍ର, ସାକିଲି ଦୋରା, ପିନ୍ସ କୁମାର, ସୁଶିଲ ଷଡ଼ଙ୍ଗୀ, କାଳୀ ପ୍ରସାଦ ପଣ୍ଡା, ବିଘ୍ନ ଷଡ଼ଙ୍ଗୀ, ସୁକାନ୍ତ ମାଝୀ,ରିଙ୍କୁ ପଟ୍ଟନାୟକ,ମାନସ ହୋତା, ଶଙ୍କର ମହାନ୍ତି ପ୍ରମୁଖ ବିଡିଓ ଦୋରାଙ୍କୁ ଭେଟି ଶୁଭେଚ୍ଛା ଜଣାଇଥିଲେ। ସୂଚନାଯୋଗ୍ୟ, ପୂର୍ବତନ ବିଡିଓ ପ୍ରଣୟ ରଞ୍ଜନ ବେହେରା ପ୍ରକଳ୍ପ ପ୍ରଶାସକ ରୂପେ ପଦୋନ୍ନତି ପାଇ ବଦଳି ହୋଇଛନ୍ତି।

### ବିଶ୍ୱ ମିତବ୍ୟୟିତା ଦିବସ
### ସ୍ୱଳ୍ପ ସଞ୍ଚୟର ଉପକାରିତା ନେଇ ଲୋକଙ୍କୁ ବୁଝାଇଲେ

କୋରାପୁଟ,୩୦।୧୦(ଅମିତାଭ ବେହେରା)

କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ସୋମବାର ବିଶ୍ୱ ମିତବ୍ୟୟିତା ଦିବସ ପାଳିତ ହୋଇଛି। ସ୍ୱଳ୍ପ ସଞ୍ଚୟ ବିଭାଗ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱଳ୍ପ ସଞ୍ଚୟ ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ସହକାରୀ ଜିଲାପାଳ ଚିତ୍ତରଞ୍ଜନ ପଟ୍ଟନାୟକ, ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ସୁମିତ ଚନ୍ଦନ ଭୂଷଣଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ସ୍ୱଳ୍ପ ସଞ୍ଚୟର ଆବଶ୍ୟକତା ଓ ଏହାର ଉପକାରିତା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ଉଦ୍‌ଘାଟିତ ସଚେତନତା ରଥ ସହର ପରିକ୍ରମା କରିଥିଲା। ଲୋକଙ୍କୁ ସ୍ୱଳ୍ପ ସଞ୍ଚୟ ନେଇ ପ୍ରଚାରପତ୍ର ବଣ୍ଟାଯାଇ ସଚେତନ କରାଯାଇଥିଲା ।

### ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ଜୟପୁର, ୩୦।୧୦ (ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ ଅନ୍ତର୍ଗତ ଆମ୍ବାଗୁଡାଠାରେ ସୋମବାର ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନଶୁଣାଣି ଶୁଣାଣି, ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଶକ୍ତି ମହାପାତ୍ର, ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ କେଏସ ନିଶା,ଏପିଓ ମାନସ କର, ସରପଞ୍ଚ ଦିପ୍ତି ହିକକା, ସମିତିସଭ୍ୟା, ଜିଆରଏସ, ସ୍ୱାସ୍ଥ୍ୟ ବିଭାଗ, ଆଇସିଡିଏସ, ହର୍ଟିକଲଚର, କୃଷି, ପ୍ରାଣୀସମ୍ପଦ ବିଭାଗର ଅଧିକାରୀମାନେ ଶିବିରରେ ଉପସ୍ଥିତ ଥିଲେ। ଏହି ଅବସରରେ ଉପସ୍ଥିତ ଗ୍ରାମବାସୀମାନେ ନିଜ ଗ୍ରାମର ବିଭିନ୍ନ ସମସ୍ୟା ସମ୍ପର୍କରେ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ। ନୂତନ ରାସ୍ତା, ରାସ୍ତା ମରାମତି ଲାଗି ଗ୍ରାମବାସୀ ଦାବି କରିଥିଲେ।

### ଜୁଆଆଡ୍ଡାରେ ଚଢାଉ, ୩ ଗିରଫ

ଜୟପୁର, ୩୦।୧୦ (ପବନ ପାଣିଗ୍ରାହୀ)

ଜୁଆଖେଳ ଚାଲୁଥିବା ବେଳେ ଜୟପୁର ସଦର ପୋଲିସ ଚଢାଉ କରି ୩ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୧୨୫୦ ଟଙ୍କା, ତାସକାର୍ଡ ଜବତ କରାଯାଇଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

### କାର୍ଯ୍ୟରେ ଚଞ୍ଚକତା, ଠିକାଦାରଙ୍କୁ ଜରିମାନା

ଜୟପୁର, ୩୦।୧୦ (ପବନ ପାଣିଗ୍ରାହୀ)

ଜୟପୁର ଜିଲା ମୁଖ୍ୟ ଚିକିତ୍ସାଳୟର ବିକାଶ କାର୍ଯ୍ୟ ଚାଲିଛି । ଚିକିତ୍ସାଳୟ କର୍ମଚାରୀ, ଡାକ୍ତର, ଷ୍ଟାପନର୍ସ, ଏଏନ୍‌ଏମ୍ ରହିବା ପାଇଁ କ୍ୱାର୍ଟର୍ସ କାମ ମଧ୍ୟ ଚାଲିଛି। ଏହି କାର୍ଯ୍ୟ ଟେଣ୍ଡର ମାଧ୍ୟମରେ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ତେବେ ଠିକାଦାର ଚଞ୍ଚକତା କରି ଟାଟା ପାୱାରର ବିଦ୍ୟୁତ ଚୋରି କରି କାର୍ଯ୍ୟ କରୁଥିଲେ। ଏହା ଜଣାପଡିବା ପରେ ସମ୍ପୃକ୍ତ ଠିକାଦାରଙ୍କୁ ଲକ୍ଷାଧିକ ଟଙ୍କା ଜରିମାନା କରାଯାଇଛି। ଏ ବିଷୟ ଜୟପୁର ସହରରେ ଏବେ ଚର୍ଚ୍ଚାର ବିଷୟ ହୋଇଛି।

# ଟେଣ୍ଡରଧାରୀଙ୍କ ବେଆଇନ ବାଲି ଉଠାଣକୁ ବିରୋଧ

## ଥାନା, ତହସିଲ ସହ ବ୍ଲକ୍‌ରେ ଦାବିପତ୍ର ଦେଲା ଶାନ୍ତି କମିଟି

କୁନ୍ଦୁରା,୩୦।୧୦ (ସନ୍ତୋଷ ପ୍ରହରାଜ)



ଅତିରିକ୍ତ ତହସିଲଦାରଙ୍କୁ କୁନ୍ଦୁରା ଶାନ୍ତି କମିଟି କର୍ମକର୍ତ୍ତାମାନେ ଦାବିପତ୍ର ଦେଉଛନ୍ତି।

କୋରାପୁଟ ଜିଲା କୁନ୍ଦୁରା ବ୍ଲକରେ ଥିବା ନଦୀପଠାରୁ ବାଲି ଉଠାଣ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ବାଲିଉଠାଣରେ ଟେଣ୍ଡରଧାରୀଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଥିବାରୁ ବ୍ଲକ୍ ଶାନ୍ତି କମିଟି ପକ୍ଷରୁ ଥାନା ଏବଂ ତହସିଲରେ ସୋମବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକ ଅଧୀନରେ ଥିବା କୋଲାବ, ବିରି ଏବଂ କୁର୍ଲୁ ନଦୀରୁ ବାଲିଉଠାଣ ଲାଗି ୧୧ଟି ସ୍ଥାନକୁ ଲିଜ୍ ରୂପେ ପ୍ରଦାନ କରାଯାଇଛି। ଲିଜ୍‌ଧାରୀମାନେ ସେମାନଙ୍କ ପରିସୀମା ବାହାରେ ବାଲି ଉତ୍ତୋଳନ କରୁଥିବା ଅଭିଯୋଗ ହେଉଛି। ଅନ୍ୟ କେହି ବାଲି ଉଠାଇଲେ ତାକୁ ମାରପିଟ୍ କରୁଛନ୍ତି। ନିକଟରେ ଲିଜ୍‌ଧାରୀମାନେ ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ କୁନ୍ଦୁରା ଥାନାରେ ଅଭିଯୋଗ ହୋଇଛି। କୁନ୍ଦୁରା ଶାନ୍ତି କମିଟି ପକ୍ଷରୁ ଥାନା ଅଧିକାରୀ ଏବଂ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି। ଗତ ଦିନରେ କୁନ୍ଦୁରା ତହସିଲରେ କାର୍ଯ୍ୟରତ ତତ୍କାଳୀନ ତହସିଲଦାର କେତେ ଜଣ ଟେଣ୍ଡରଧାରୀ ନିଜ ଘର ପାଇଁ ବାଲି ଆଣୁଥିବା ବେଳେ ତାକୁ ଧରି ଜରିମାନା କରିଥିଲେ। ନଦୀପଠାରେ ପୋକଲିନ ଲଗାଇବା ନିୟମ ନ ଥିବା ବେଳେ ଶହ ଶହ ପୋକଲିନ ମେଶିନ ଲଗାଇ ବାଲି ଉଠାଯାଉଥିବା ଅଭିଯୋଗ ହେଉଛି। ଜଣେ ସାଧାରଣ ଲୋକଟିଏ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ କରିବାକୁ ନଦୀପଠାକୁ ବାଲି ଆଣିବାକୁ ଗଲେ ଲିଜଧାରୀମାନେ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ଏହାର ପ୍ରତିବାଦରେ କୁନ୍ଦୁରା ଗୋଷ୍ଠୀ ସାଧନ କେନ୍ଦ୍ରରୁ ୭ଶହ ଜଣ ଶାନ୍ତି କମିଟି ସଦସ୍ୟ ସୋମବାର କୁନ୍ଦୁରା, ସାଗରଗୁଡା ଯାଏ ଶୋଭାଯାତ୍ରା କରି ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଅତିରିକ୍ତ ତହସିଲଦାର ଅଶୋକ ପାଲଙ୍କୁ ଦାବିପତ୍ର ଦେଇଛନ୍ତି। ଆଗାମୀ ୭ ଦିନ ମଧ୍ୟରେ ବାଲି ଉଠାଣରେ ଦେଖାଦେଉଥିବା ବିବାଦର ସମାଧାନ ଶାନ୍ତି କମିଟି ଦ୍ୱାରା ଆଲୋଚନା ମାଧ୍ୟମରେ ହେବ ବୋଲି ପାଲ କହିଛନ୍ତି।

# ସମସ୍ୟାର ତ୍ୱରିତ ସମାଧାନ ନେଇ ଜିଲାପାଳଙ୍କ ଗୁରୁତ୍ୱ

## ୨ ନୂତନ କୋଠା ଉଦ୍‌ଘାଟନ କଲେ ଜିଲାପାଳ

ଦଶମନ୍ତପୁର,୩୦।୧୦(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ଜିଲାପାଳ ଏମ୍. ଅବଦାଲ ଅଖତାର ସୋମବାର ମିଳିତ ଜନଶୁଣାଣି କରିଛନ୍ତି। ଏହି ଅବସରରେ ସେ ନବନିର୍ମିତ ୨ଟି କୋଠା (ସମ୍ମିଳନୀ କକ୍ଷ ଏବଂ ମିଶନ ଶକ୍ତି ଭବନ)କୁ ଉଦ୍‌ଘାଟନ କରିଛନ୍ତି। ଏହି ସମୟରେ ଉନ୍ନୟନ ଅଧିକାରୀ ଗୌରବ ଶିବାଜୀ ଇସଲୱାର, ଏସ୍‌ପି ଅଭିନବ ସୋନକାର, ଜିଲା ଚିକିତ୍ସା ଅଧିକାରୀ ଅରୁଣ ସାହୁ, ବ୍ଲକ ଉପାଧକ୍ଷ ଅରୁଣ ଚେଟିଙ୍କ ସହ ମୃତ୍ତିକା ସଂରକ୍ଷଣ, ପିଏ ଆଇଟିଡିଏ, ଶିକ୍ଷା, ସ୍ୱାସ୍ଥ୍ୟ,ଜଳ ଓ ପରିମଳ, ଶିଶୁବିକାଶ ବିଭାଗର ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଜନଶୁଣାଣି ଶିବିରକୁ ୩୨ଟି ଅଭିଯୋଗ ଆସିଥିଲା। ସେଥିରୁ ୮ଟି ବ୍ୟକ୍ତିଗତ ଓ ୨୪ଟି ସାମୂହିକ ଅଭିଯୋଗ ରହିଥିଲା। ରାସ୍ତା ସମସ୍ୟା, ଦଶମନ୍ତପୁର ବ୍ଲକରେ ଗମ୍ଭାରୀଗୁଡାକୁ ସାମିଲ କରିବା ଏବଂ ଅନ୍ୟାନ୍ୟ ସମସ୍ୟା ସମାଧାନ ନେଇ ଜନଶୁଣାଣିରେ ଆଲୋଚନା ହୋଇଥିଲା। ସମସ୍ୟାଗୁଡିକର ତ୍ୱରିତ ସମାଧାନ ନେଇ ଜିଲାପାଳ ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସହକାରୀ ଯନ୍ତ୍ରୀ ଅଭିଷେକ ଷଡଙ୍ଗୀ ଶିବିର ପରିଚାଳନା କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଥାନା ଅଧିକାରୀ ସୁକୁମା ହାଁସଦାଙ୍କ ନେତୃତ୍ୱରେ ପୋଲିସ ମୁତୟନ ହୋଇଥିଲେ।



ଶିବିରରେ ଜିଲାପାଳ, ଏସ୍‌ପିଙ୍କ ସହ ଉପସ୍ଥିତ ଥିବା ଅନ୍ୟ ଅଧିକାରୀମାନେ।

# ସାଧୁତା, ସତର୍କତା ଅବଲମ୍ବନ ନେଇ ଶପଥପାଠ

## ଦୁର୍ନୀତି ନିବାରଣ ସପ୍ତାହ ପାଳନ

ନନ୍ଦପୁର, ୩୦।୧୦ (ଶଙ୍କର ପୂଜାରୀ)



ପୋଲିସ କର୍ମଚାରୀମାନେ ଶପଥପାଠ କରୁଛନ୍ତି।

ସାଧୁତା ଓ ସତର୍କତା ଅବଲମ୍ବନ କରି ଦୁର୍ନୀତିମୁକ୍ତ ରାଷ୍ଟ୍ର ଗଠନ କରିବାକୁ ଦୁର୍ନୀତି ନିବାରଣ ସଚେତନ ସପ୍ତାହ ପାଳନ ଅବସରରେ ସବୁ ସରକାରୀ କାର୍ଯ୍ୟାଳୟର କର୍ମଚାରୀ ଶପଥପାଠ କରିଛନ୍ତି। ସୋମବାର ମୁଖ୍ୟମନ୍ତ୍ରୀ ଆଭାସି ମାଧ୍ୟମରେ ରାଜ୍ୟରେ କାର୍ଯ୍ୟରତ ସମସ୍ତ ବିଭାଗର କର୍ମଚାରୀଙ୍କୁ ଏହି ଶପଥପାଠ କରାଇଛନ୍ତି। ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ପରିସର ବୈଠକ ଗୃହରେ ବିଡିଓ ଦୁର୍ଗା ପ୍ରସାଦ ଦୋରା, ଏସ୍‌ଡିପିଓ ସଞ୍ଜୟ ମହାପାତ୍ର, ସହକାରୀ ନିର୍ବାହୀଯନ୍ତ୍ରୀ ଜସକେତନ ବେହେରା, ଜିପିଇଓ ବେଦାନ୍ତ ମାଝୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଦୁବରାଜ ମୁର୍ମୁ, ସମସ୍ତ ପିଇଓ, ଯନ୍ତ୍ରୀ, ବ୍ଲକ ସହକାରୀ ଶିକ୍ଷାଧିକାରୀ ଗୁରୁନାଥ ମାଝୀ, ବ୍ଲକର ସମସ୍ତ କର୍ମଚାରୀ ଏହି ଶପଥ ପାଠ କରିଥିଲେ। ସେହିଭଳି ନନ୍ଦପୁର ତହସିଲ କାର୍ଯ୍ୟାଳୟରେ ତହସିଲଦାର ଅନାଦି ଚରଣ ସାହୁ ତହସିଲ କର୍ମଚାରୀଙ୍କୁ, ନନ୍ଦପୁର ଥାନା ପରିସରରେ ଏସଡିପିଓ ମହାପାତ୍ର ଥାନାଧିକାରୀ ଆଶ୍ରିତା ଖାଲକୋଙ୍କ ଉପସ୍ଥିତିରେ ସମସ୍ତ ପୋଲିସ କର୍ମଚାରୀଙ୍କୁ ଦୁର୍ନୀତିଠାରୁ ଦୂରେଇ ରହିବା, ଦୁର୍ନୀତି ନିବାରଣ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା, ଦୁର୍ନୀତିମୁକ୍ତ ବ୍ଲକ, ଜିଲା ରାଜ୍ୟ ଓ ଦେଶ ଗଠନରେ ସହାୟତା କରିବାକୁ ଶପଥ ପାଠ କରାଇଥିଲେ।

### କାଗଜ କଳ ଶ୍ରମିକଙ୍କ ସମସ୍ୟା ସମାଧାନ ନେଇ ଜିଲାପାଳଙ୍କୁ ଦାବିପତ୍ର

ଜୟପୁର, ୩୦।୧୦ (ପବନ ପାଣିଗ୍ରାହୀ)

ଜୟପୁରର ଏକମାତ୍ର ବୃହତ ଶିଳ୍ପ କାଗଜ କଳ ସମସ୍ୟାର ସମାଧାନ ନେଇ କାଗଜକଳ କର୍ମଚାରୀ ସଂଘ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ପ୍ରଭାତ ପରିଡାଙ୍କୁ ସୋମବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। କାଗଜକଳ ସମସ୍ୟା ସମାଧାନ ପାଇଁ ଜିଲାପାଳ ହସ୍ତକ୍ଷେପ କରିବାକୁ ଏଥିରେ ଦାବି କରାଯାଇଛି। କାଗଜକଳକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା, କୋଭିଡ ସମୟରେ ପ୍ରଦାନ କରାଯାଇ ନ ଥିବା ଦରମା ଦେବା, ପେନସନ, ଗ୍ରାଚ୍ୟୁଇଟି, ଅବସରପ୍ରାପ୍ତ କର୍ମଚାରୀଙ୍କ ବକେୟା ଅର୍ଥ ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ତେବେ କାଗଜକଳ ସମସ୍ୟା ଆଲୋଚନା ଲାଗି ଜିଲାପାଳ ମଙ୍ଗଳବାର ଏକ ବୈଠକ ଡାକିଛନ୍ତି । ଆଲୋଚନା ପରେ କି' ପଦକ୍ଷେପ ନିଆଯିବ ସେ ନେଇ ସ୍ଥିର ହେବ ବୋଲି କର୍ମଚାରୀ ସଂଘ ପକ୍ଷରୁ କୁହାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ପ୍ରମୋଦ ମହାନ୍ତି, ଭି. ରବି କୁମାର, କେଦାର ଆଚାର୍ଯ୍ୟ, ପ୍ରଦୀପ ପାଣ୍ଡିଆ, ବନମାଳି ମାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବିକଶିତ ରାଷ୍ଟ୍ର ଗଠନ ପାଇଁ ଦୁର୍ନୀତି ନିବାରଣ ଅପରିହାର୍ଯ୍ୟ



ମହାବିଦ୍ୟାଳୟର ଆର୍ଟସ୍ ବ୍ଲକଠାରେ ଶପଥପାଠ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ଅଧାପିକା ଅଧାପକମାନେ।

## ଭିଜିଲାନ୍ସ ସଚେତନତା କାର୍ଯ୍ୟକ୍ରମ

କୋରାପୁଟ,୩୦।୧୦(ଅମିତାଭ ବେହେରା )

କୋରାପୁଟ ସରକାରୀ ମହାବିଦ୍ୟାଳୟଠାରେ ସୋମବାର ଭିଜିଲାନସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଅଧକ୍ଷ ଦୀପକ ପଟ୍ଟନାୟକ ଉଦ୍‌ଘାଟନ କରି ଉପସ୍ଥିତ ଅଧାପିକା ଅଧାପକ କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କୁ ସାଧୁତାର ଶପଥପାଠ କରାଇଥିଲେ। ରାଷ୍ଟ୍ରର ଅର୍ଥନୈତିକ, ରାଜନୈତିକ ଓ ସାମାଜିକ ଅଭିବୃଦ୍ଧିରେ ଦୁର୍ନୀତି ପ୍ରତିବନ୍ଧକ ସାଜିଥାଏ ବୋଲି ପଟ୍ଟନାୟକ କହିଥିଲେ। ଅନ୍ୟତମ ଅତିଥି ଅଧାପକ କମାକ୍ଷୀ ପ୍ରସାଦ ଦାସ, କୁଳଦୀପ ଲାକ୍ରା ଓ ଅର୍ଜୁନ ଚରଣ ବେହେରା ଯୋଗଦେଇ ବିକଶିତ ରାଷ୍ଟ୍ର ଗଠନରେ ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା ଅନୁପାଳନ କରିବା ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ସାଧୁତାର ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ଅଧାପକ ଡ. ପ୍ରକାଶ ପ୍ରଧାନ, ରାଜେନ୍ଦ୍ର ବରିହା, ହିମାଂଶୁ ଭୂଷଣ ନନ୍ଦ, ସୁଜାତା ଷଡ଼ଙ୍ଗୀ, ମନୋଜ ବେହେରା, ଅରୁଣ ମୁଦୁଲି ପ୍ରମୁଖ ପରିଚାଳନା କରିଥିଲେ।

## ଲେଜେଣ୍ଡ କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ
# ଚମ୍ପାପଦର ଚାମ୍ପିୟନ

କୋରାପୁଟ,୩୦।୧୦
(ଅମିତାଭ ବେହେରା)



ଖେଳାଳିଙ୍କ ସହ ମୁଖ୍ୟଅତିଥି ତାରାପ୍ରସାଦ ବାହିନୀପତି।

କୋରାପୁଟର ମଣ୍ଡିପୁଟ ଗ୍ରାମରେ ଚାଲିଥିବା ଲେଜେଣ୍ଡ କପ୍ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ ଚମ୍ପାପଦର ଓ ଗୌଡଗୁଡା ମଧ୍ୟରେ ହୋଇଥିଲା। ଚମ୍ପାପଦର ପେନାଲଟି ସୁଟ ଆଉଟରେ ୫-୪ ଗୋଲ ବ୍ୟବଧାନରେ ଗୌଡଗୁଡାକୁ ହରାଇ ଚାମ୍ପିୟନ ହୋଇଥିଲା। ମଣ୍ଡିପୁଟ ଉଇନର କ୍ଲବ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ସେ କ୍ରୀଡାର ବିକାଶ ଏବଂ ଫୁଟବଲର ଲୋକପ୍ରିୟତା ଉପରେ ମତ ରଖିଥିଲେ। ମୁଖ୍ୟଅତିଥି ବାହିନୀପତି ଟୁର୍ନାମେଣ୍ଟ ଚାମ୍ପିୟନ ଚମ୍ପାପଦର ଦଳକୁ ଟ୍ରଫି ସହ ୫୦ ହଜାର ଟଙ୍କା ପ୍ରଦାନ କରିଥିଲେ। ସେହିପରି ରନର୍ସଅପ ଗୌଡଗୁଡାକୁ ଟ୍ରଫି ସହ ୩୦ ହଜାର ଟଙ୍କା ପ୍ରଦାନ କରି ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା କୃଷ୍ଣ କୁଲଦୀପ, ବ୍ଲକ ଅଧକ୍ଷା ନମିତା ମାଝି, ଏମ୍‌ପି ପ୍ରତିନିଧି ବାବୁଲା ବେନିଆ, ବ୍ଲକ ଉପାଧକ୍ଷ ଶିବ ଗୋଲରୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ଜଗଦିଶ ଖୋସ୍ଲାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।

# ଭୂମିଆ ସମାଜ ପକ୍ଷରୁ ଶିକ୍ଷା ପରାମର୍ଶ ଶିବିର

ବୈପାରିଗୁଡା,୩୦।୧୦ (ଡି.ଏନ୍ .ଏ)




ପରାମର୍ଶ ଶିବିରରେ ଉପସ୍ଥିତ ଅତିଥି।

କୋରାପୁଟ ଜିଲା ବୈପାରିଗୁଡା ବ୍ଲକ ଗୁମାଠାରେ ଅବିଭକ୍ତ କୋରାପୁଟ ଜିଲା ଭୂମିଆ ସମାଜର ଏକ ଦିନିକିଆ ଶିକ୍ଷା ପରାମର୍ଶ ଶିବିର ଶନିବାର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ତହସିଲଦାର ସ୍ନିଗ୍‌ଧାରାଣୀ ଚୌଧୁରୀ ଯୋଗଦେଇ ଶିକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଭୂମିଆ ସମାଜର ଉପସ୍ଥିତ ଉଚ୍ଚଶିକ୍ଷିତ ସରକାରୀ ଚାକିରିଆ, ବୁଦ୍ଧିଜୀବୀ ଓ ରାଜନେତାମାନେ ଭୂମିଆ ସମାଜର ଛାତ୍ରୀଛାତ୍ରଙ୍କୁ ଭବିଷ୍ୟତ ଗଠନ ନେଇ ବିଭିନ୍ନ ପରାମର୍ଶ ଦେଇଥିଲେ। ପଦ୍ମଶ୍ରୀ କମଳା ପୂଜାରୀ, ଭୂମିଆ ସମାଜର ସଭାପତି ଗୁରୁନାଥ ପୂଜାରୀ, ସଂଗ୍ରାମ ଭୂମିଆ, ଜିଲା ସହକାରୀ ଯନ୍ତ୍ରୀ ମାନସ ପାଣ୍ଡି, ବୈପାରିଗୁଡା ଲ୍ୟାମ୍ପସ୍ ଏମ୍‌ଡି ବଳରାମ ମାଝି, ମାଣ୍ଡିଆରାଣୀ ରାଇମତି ଘିଉରିଆ ପ୍ରମୁଖ ମଞ୍ଚାସୀନ ଥିଲେ।

# ଦୁର୍ନୀତି ନିବାରଣ ସପ୍ତାହ ନେଇ ମିଳିତ ଶପଥପାଠ

କୋରାପୁଟ,୩୦।୧୦
(ଅମିତାଭ ବେହେରା )

ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ସୋମବାର କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ମିଳିତ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଦକ୍ଷିଣ ପଶ୍ଚିମାଞ୍ଚଳ ଉପମହାନିର୍ଦ୍ଦେଶକ ଚରଣ ସିଂ ମୀନା, ଜିଲାପାଳ ଏମ୍. ଅବଦାଲ ଅଖତର, ଏସ୍‌ପି ଅଭିନବ ସୋନକର, ଜିଲା ଅଧିକାରୀ ଡ. ଅରୁଣ ପାଢ଼ୀ, ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ଏବଂ ରାଜେନ୍ଦ୍ର ମାଝି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ଶିସାଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଶପଥପାଠ କରିଥିଲେ। ସୂଚନାଯୋଗ୍ୟ, ଜିଲାର ସମସ୍ତ ବ୍ଲକ, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟରେ ମଧ୍ୟ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।



ମିଳିତ ଶପଥ ପାଠ କାର୍ଯ୍ୟକ୍ରମରେ ଅଧିକାରୀମାନେ ଶପଥ ନେଉଛନ୍ତି।

# ଜାତୀୟ ସ୍ତରରେ ଖେଳିବାକୁ ୪ କରାଟେକା ମନୋନୀତ

ସୁନାବେଡା/ସେମିଳିଗୁଡା, ୩୦।୧୦
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

୩୫ତମ ରାଜ୍ୟସ୍ତରୀୟ ସବ୍‌ଜୁନିୟର କରାଟେ ପ୍ରତିଯୋଗିତାରେ ଜାତୀୟ ସ୍ତରରେ ଖେଳିବାକୁ ସୁନାବେଡାର ୪ କରାଟେକା ଜାତୀୟ ସ୍ତରକୁ ମନୋନୀତ ହୋଇଛନ୍ତି। ଚଳିତ ମାସ ୨୮ ଓ ୨୯ରେ ଭୁବନେଶରରେ ହୋଇଥିବା ୩୫ ତମ ପ୍ରତିଯୋଗିତାରେ ସେମିଳିଗୁଡା ଉତ୍କଳ କରାଟେ ସ୍କୁଲର ୧୩ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କୋଚ ସେନସେଇ ରାଜେନ୍ଦ୍ର କେଶରୀ ସାମଲଙ୍କ ଦ୍ୱାରା ପ୍ରଶିକ୍ଷିତ ଏହି ୧୩ ଜଣ କରାଟେକାଙ୍କ ମଧ୍ୟରୁ ୪ କରାଟେକା ଜାତୀୟ ସ୍ତରକୁ ମନୋନୀତ ହୋଇଛନ୍ତି। ପ୍ରତିଯୋଗୀମାନେ ୪ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୫ ବ୍ରୋଞ୍ଜ ଏପରି ମୋଟ ୧୮ଟି ପଦକ ଜିତିଥିଲେ। ହର୍ଷଦ କୁମାର, ଆଙ୍କାକ୍ଷା ମହାନ୍ତି, ଅନୋଲ ସାଧୁକା ଓ ତୃପ୍ତିରାଣୀ ମହାନ୍ତି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ରୁଦ୍ରାଂଶୁ ସାମଲ, ଆକାଂକ୍ଷା ମହାନ୍ତି, ଅଙ୍କିତା ଖରା, କେକେ ଭେଙ୍କେଟ ସ୍ୱାତିକ, ଡାନିଏଲ ଜାନୀ, ନନ୍ଦିନୀ ନାୟାର, ରୋହନ ଦୁରିଆ, ତପସ୍ୱିନୀ ନାୟକ ଓ ତୃପ୍ତିରାଣୀ ମହାନ୍ତି ରୌପ୍ୟ ଏବଂ ତୃଷ୍ଣା ମହାନ୍ତି, କେ. ଭେଙ୍କେଟ ସ୍ୱତୀକ, ତୃପ୍ତିରାଣୀ ମହାନ୍ତି, ନନ୍ଦିନୀ ନାୟାର ଓ ତପସ୍ୱିନୀ ନାୟକ ବ୍ରୋଞ୍ଜ ପଦକ ଜିତିଥିଲେ। ଏହି ପ୍ରତିଯୋଗିତା ଡିସେମ୍ବର ୧୮ ଓ ୧୯ରେ ଦିଲ୍ଲୀର ତାଲ କଟରା ଷ୍ଟାଡିୟମରେ ହେବ। କରାଟେକାମାନଙ୍କ ସଫଳତା ପାଇଁ ରାଜ୍ୟ କରାଟେ ଆସୋସିଏଶନ ସଭାପତି ଡ. ସିଆନ ହରିପ୍ରସାଦ ପଟ୍ଟନାୟକ, ସମ୍ପାଦକ ଡ. ଗୌରୀ ମହାନ୍ତି, ସେମିଳିଗୁଡା ସ୍କୁଲ ସଭାପତି ମନୋଜ ପଟ୍ଟନାୟକ, ଉପଦେଷ୍ଟା ଭଗବାନ ଦୋରାଙ୍କ ସମେତ ଅନ୍ୟମାନେ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।



ଜାତୀୟ ସ୍ତରକୁ ମନୋନୀତ ହୋଇଥିବା କରାଟେକାମାନେ।

# ୨୬୧୩ ପ୍ରକଳ୍ପ ପାଇଁ ୯୧ କୋଟି ମଞ୍ଜୁର



ଆମ ଓଡ଼ିଶା ନବୀନ ଓଡ଼ିଶା ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉପସ୍ଥିତ ନେତା ଓ ଅଧିକାରୀମାନେ।

**ରାୟଗଡ଼ା,୩୦।୧୦(ଆଶିଷ ରଞ୍ଜନ ପଣ୍ଡା)**

### ଆମ ଓଡ଼ିଶା ନବୀନ ଓଡ଼ିଶା ଶୁଭାରମ୍ଭ

ରାୟଗଡ଼ା ଜିଲାରେ ସୋମବାର ଆରମ୍ଭ ହୋଇଛି ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସରେ ଜିଲାର ୧୧ବ୍ଲକରେ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ପ୍ରତି ପଞ୍ଚାୟତ ଏବଂ ଗ୍ରାମକୁ ସଶକ୍ତ ଓ ସମୃଦ୍ଧ କରିବା ଲକ୍ଷ୍ୟ ନେଇ ମୁଖ୍ୟମନ୍ତ୍ରୀ ଜିଲାର ୧୮୨ ପଞ୍ଚାୟତ ଲାଗି ୨୬୧୩ ପ୍ରକଳ୍ପ ନିମନ୍ତେ ୯୧ କୋଟି ଟଙ୍କା ଅନୁଦାନ ମଞ୍ଜୁରୀ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ତେଜସ୍ୱୀ ପଡ଼ିଆଠାରେ ଏକ ସଭା ଆୟୋଜନ ହୋଇଥିଲା। ଏଥିରେ ଭର୍ଚୁଆଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ ଶୁଭ ଉଦ୍‌ଘାଟନ କରି ରାୟଗଡ଼ା ବ୍ଲକର ୩୭୯ ପ୍ରକଳ୍ପ ପାଇଁ ୧୪ କୋଟି ଟଙ୍କା ଅନୁମୋଦନ କରିଛନ୍ତି। ସେହିଭଳି କାଶୀପୁର ବ୍ଲକ ପାଇଁ ୧୨ କୋଟି, ଗୁଡ଼ାରି ୪.୫ କୋଟି, ରାମନାଗୁଡ଼ା ୬ କୋଟି, କୋଲନରା ୭.୫ କୋଟି, କଲ୍ୟାଣସିଂହପୁର ୭ କୋଟି, ମୁନିଗୁଡ଼ା ୮.୫ କୋଟି, ଚନ୍ଦ୍ରପୁର ୪ କୋଟି, ପଦ୍ମପୁର ୬.୫ କୋଟି, ବିଷମକଟକ ବ୍ଲକକୁ ୧୦.୫ କୋଟି, ଗୁଣପୁର ବ୍ଲକ ପାଇଁ ୯.୫ କୋଟି ଲେଖାଏ ଅନୁଦାନ ପ୍ରଦାନ ହୋଇଛି। ଏତଦବ୍ୟତୀତ ରାୟଗଡ଼ା, ବିଷମକଟକ, କୋଲନରା, ମୁନିଗୁଡ଼ା, କାଶୀପୁର, ଗୁଣପୁର, ପଦ୍ମପୁର, ଚନ୍ଦ୍ରପୁର, ଗୁଡ଼ାରି ବ୍ଲକର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଅନୁମୋଦନ କରିଛନ୍ତି ମୁଖ୍ୟମନ୍ତ୍ରୀ। ଏହି କାର୍ଯ୍ୟକ୍ରମରେ ବିଷମକଟକ ବ୍ଲକ ଚାଟିକଣା ପାତାଳେଶ୍ୱର ମନ୍ଦିର ପାଇଁ ୨.୧୪ କୋଟି, ନେଳିଆବନ୍ଧ ପାଇଁ ୨ କୋଟି ୯୫ ଲକ୍ଷ ସମେତ ଜିଲାର ବହୁ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଜିଲାପାଳ ସ୍ୱାଧାଦେବ ସିଂ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା, ବ୍ଲକ ଅଧ୍ୟକ୍ଷା ଟୁନି ହୁଇକା, ଉପାଧ୍ୟକ୍ଷ ହରପ୍ରସାଦ ହେପୃକା ଓ ଅନ୍ୟମାନେ ଯୋଗଦେଇଥିଲେ। ଏଣେ କାର୍ଯ୍ୟକ୍ରମରେ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ। ବିଷମକଟକଠାରେ ମନ୍ତ୍ରୀ ଜଗନ୍ନାଥ ସାରକା ଓ ରାମନାଗୁଡ଼ାଠାରେ ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଅଭିଭାଷଣ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ପିଣ୍ଟୁ ସାହୁ ଯୁବକଂଗ୍ରେସ ଆଇନ ପରାମର୍ଶଦାତା ସେଲ୍ ଅଧ୍ୟକ୍ଷ



**ଗୁଣପୁର,୩୦।୧୦ (ପ୍ରଦୀପ କୁମାର ପାଢ଼ୀ)**

ରାଜ୍ୟ ଯୁବ କଂଗ୍ରେସର ଆଇନ ପରାମର୍ଶଦାତା ସେଲ୍‌ର ଅଧ୍ୟକ୍ଷ ହୋଇଛନ୍ତି ଗୁଣପୁର ଯୁବକଂଗ୍ରେସ ନେତା ପ୍ରଦୀପ ସାହୁ ଓରଫ ପିଣ୍ଟୁ ସାହୁ। ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ଏ ନେଇ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି । ଏହାକୁ ନେଇ ତାଙ୍କର ସମର୍ଥକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଗତ ୨ ଦଶନ୍ଧି ଧରି ସେ କଂଗ୍ରେସରେ ସକ୍ରିୟ କାର୍ଯ୍ୟକର୍ତ୍ତା ଭାବେ କାର୍ଯ୍ୟ କରି ଆସୁଛନ୍ତି। ୨୦୦୮ରେ ସେ ଗୁଣପୁର କଲେଜର ସଭାପତି ହେବା ପରେ କଂଗ୍ରେସ ନେତା ସ୍ୱର୍ଗତ ଲୁଲୁ ମହାପାତ୍ରଙ୍କ ସାଙ୍ଗଠନିକ ଦକ୍ଷତାରେ ଅନୁପ୍ରାଣିତ ହୋଇ କଂଗ୍ରେସରେ ମିଶିଥିଲେ। ଏହାପରଠାରୁ ସେ ଗୁଣପୁର ନିର୍ବାଚନମଣ୍ଡଳୀ, ରାୟଗଡ଼ା ଜିଲା ଓ ରାଜ୍ୟସ୍ତରରେ ଯୁବ ଓ ଛାତ୍ର ସଙ୍ଗଠନରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହି ଆସିଛନ୍ତି। ଜିଲାର ଯୁବ କଂଗ୍ରେସ ସଭାପତି ଓ ଛାତ୍ର କଂଗ୍ରେସ ସଭାପତି ଭାବେ ସେ ଉଲ୍ଲେଖନୀୟ ସାଙ୍ଗଠନିକ କାର୍ଯ୍ୟ କରିଥିବା ନଜିର ରହିଛି। ଏହାପରେ ଏବେ ସେ ରାଜ୍ୟସ୍ତରରେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ପାଇବା ପରେ ସ୍ଥାନୀୟ ଅଞ୍ଚଳରେ ତାଙ୍କ ଶୁଭେଚ୍ଛୁ ଓ ସମର୍ଥକମାନେ ଅଭିନନ୍ଦନ ଜଣାଇଛନ୍ତି।

### ଚନ୍ଦ୍ରପୁରରେ ନୂଆ ତହସିଲଦାର



**ଚନ୍ଦ୍ରପୁର, ୩୦।୧୦ (ବିଜୟ ପ୍ରସାଦ ଉଲାକା)**

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକରେ ସୋମବାର ନୂଆ ତହସିଲଦାର ଭାବେ ବିଚିତ୍ରାନନ୍ଦ ନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିପୂର୍ବରୁ ଚନ୍ଦ୍ରପୁରର ତହସିଲଦାର ଥିବା ଅଶୋକ କୁମାର ତ୍ରିପାଠୀଙ୍କୁ ଗଞ୍ଜାମ ଜିଲାର ଦିଗପହଣ୍ଡିକୁ ବଦଳି ହୋଇଥିବା ସୂଚନା ମିଳିଛି। ନୂତନ ତହସିଲଦାର ନାୟକ ଏହା ପୂର୍ବରୁ କୋରାପୁଟ ଜିଲା କୁନ୍ଦ୍ରା ବ୍ଲକରେ କାର୍ଯ୍ୟରତ ଥିଲେ।

### ଗୁଡ଼ାରିରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

**ଗୁଡ଼ାରି,୩୦।୧୦ (ପ୍ରମୋଦ କୁମାର ପତି)**

ଗୁଡ଼ାରୀ ବସ୍‌ଷ୍ଟାଣ୍ଡ ପରିସରରେ ସୋମବାର ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସ ମାଧ୍ୟମରେ ଶୁଭାରମ୍ଭ କରିଥିଲେ । ରାୟଗଡା ଅତିରିକ୍ତ ଜିଲ୍ଲାପାଳ ରାମେଶର ପ୍ରଧାନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ବେଳେ ବିଡିଓ ଅନିଶା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ଶବର, ଉପାଧ୍ୟକ୍ଷ ବିଶ୍ୱନାଥ ଶବର, ଜିଲା ପରିଷଦ ସଦସ୍ୟ ପତି କ୍ରାସ୍କାଙ୍କ ସମେତ ଗୁଡ଼ାରୀ ବ୍ଲକର ବହୁ ସାଧାରଣ ଜନତା ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ପେଣ୍ଡିଲି ସରପଞ୍ଚ ରେଣୁକା ଶବର ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, ଅଙ୍ଗନବାଡି କର୍ମୀ, ଦଳୀୟ କର୍ମୀ, ବିଭାଗୀୟ ଅଧିକାରୀ ଏବଂ ଗୁଡ଼ାରୀ ଥାନା ଅଧିକାରୀ ସମର୍ପିତ ସ୍ୱାଇଁ ଉପସ୍ଥିତ ଥିଲେ ।

# ପଦ୍ମପୁର ବ୍ଲକକୁ ୬ କୋଟି ୫୦ଲକ୍ଷ ଘୋଷଣା

**ପଦ୍ମପୁର,୩୦।୧୦(ପ୍ରଶାନ୍ତ କୁମାର କର)**

### ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଶୁଭାରମ୍ଭ

ପଦ୍ମପୁର ବିଜୟାନନ୍ଦ ହାଇସ୍କୁଲ ପଡ଼ିଆଠାରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ଭର୍ଚୁଆଲ ମାଧ୍ୟମରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ରାୟଗଡ଼ା ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଜିଲା ପ୍ରକଳ୍ପ ଅଧିକାରୀ ନୀହାର ରଞ୍ଜନ ତ୍ରିପାଠୀ, ଜିଲା ଏନଆରଏମ କୋଅର୍ଡ଼ିନେଟର ସୁଜିତ ବେହେରା, ଜିଲା ପଞ୍ଚାୟତ ଅଧିକାରୀ ତାକିଲା ଚରଣ ବାସ୍କେ, ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଜିତ କୁମାର ମିଶ୍ର, ପଦ୍ମପୁର ତହସିଲଦାର ଗୀତାଞ୍ଜଳିବେହେରା, ପଦ୍ମପୁର ମଙ୍ଗଳ ସଂପ୍ରସାରଣ ଅଧିକାରୀ ସସ୍ମିତା ରଥ, ପଦ୍ମପୁର ବ୍ଲକ ଅଧ୍ୟକ୍ଷ ମଣିମାଳା ଶବର ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ପଦ୍ମପୁର ବ୍ଲକର ୧୩ଟି ପଞ୍ଚାୟତକୁ ୫୦ଲକ୍ଷ ଟଙ୍କା ହିସାବରେ ବିକାଶ ପାଇଁ ୬କୋଟି ୫୦ଲକ୍ଷ ଟଙ୍କା ଘୋଷଣା କରିଛନ୍ତି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ରମାକାନ୍ତ ମାଝି ମଞ୍ଚ ପରିଚାଳନା କରିଥିବା ବେଳେ ପଦ୍ମପୁର ବ୍ଲକ ସହକାରୀ ଯନ୍ତ୍ରୀ ରଶ୍ମିତା ଶବର, ପୂର୍ବତନ ବିଧାୟକ ତ୍ରିନାଥ ଗମାଙ୍ଗ, ପଦ୍ମପୁର ସରପଞ୍ଚ ପ୍ରକାଶ କଣ୍ଡାଗିରି, ପଦ୍ମପୁର ବ୍ଲକ ମିଶନ ଶକ୍ତି ବ୍ଲକ କୋଅର୍ଡ଼ିନେଟର ସୁନୀଲ ମିଶ୍ର, ଶଙ୍କର ସାହୁ, ପଦ୍ମପୁର ବ୍ଲକ ଉପାଧ୍ୟକ୍ଷ ରମେଶ ସାହୁ, ଗୋଦାବରୀ ରାଉତ, ନେତ୍ରାନନ୍ଦ ଶବର, ଦୁର୍ଗା ସାହୁ, ପ୍ରଶାନ୍ତ ଦଳେଇ,ବୁଲୁ ସାହୁ, ରଘୁନନ୍ଦନ ନାୟକ, ମହେଶ ନାୟକ,ଡରଗିନ ଶବର, ରବିନାରାୟଣ ଆଚାର୍ଯ୍ୟ, କୈଳାସ କ୍ରାସ୍କାଙ୍କ ସହ ପ୍ରତି ଗ୍ରାମ ପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀ, ସରପଞ୍ଚ, ସମିତି ସଭ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ। ତେବେ ପଦ୍ମପୁର ଥାନା ତରଫରୁ ଥାନା ଅଧିକାରୀ ରଞ୍ଜନ କୁମାର ମାଝି ଦାୟିତ୍ୱ ନିର୍ବାହ କରିଥିବା ବେଳେ ପଦ୍ମପୁର ଦମକଳ ବାହିନୀ ଘଟଣାସ୍ଥଳରେ ଉପସ୍ଥିତ ଥିଲେ।



ପଦ୍ମପୁର ବିଜୟାନନ୍ଦ ହାଇସ୍କୁଲ ପଡ଼ିଆଠାରେ ଅତିଥିମାନେ କାର୍ଯ୍ୟକ୍ରମ ଶୁଭାରମ୍ଭ କରୁଛନ୍ତି।

# କାଳରାତିର ଅନୁଭୂତି ବଖାଣିଲେ ପୋଲିସ କର୍ମଚାରୀ

**ରାୟଗଡ଼ା,୩୦।୧୦(ଆଶିଷ ରଞ୍ଜନ ପଣ୍ଡା)**

ଆନ୍ଧ୍ରପ୍ରଦେଶର କଣ୍ଟକାପାଲୀ ଓ ଆଲମଣ୍ଡା ରେଳ ଷ୍ଟେଶନ ମଧ୍ୟରେ ରବିବାର ସନ୍ଧ୍ୟାରେ ଘଟିଥିବା ଟ୍ରେନ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ରାୟଗଡ଼ାର ଜଣେ ପୋଲିସ କର୍ମଚାରୀ ଦିଲୀପ କୁମାର ପାତ୍ର ଓ ତାଙ୍କ ପରିବାର। ତେବେ ବାରମ୍ବାର ଟ୍ରେନ୍ ଦୁର୍ଘଟଣା ଖବର ଶୁଣିଥିଲେ ମଧ୍ୟ ଏବେ ନିଜେ ଏହି ବିଦାରକ ଘଟଣାର ସାକ୍ଷୀ ପାଲଟିଥିବା କହିଛନ୍ତି ଦିଲୀପ ଓ ତାଙ୍କ ସ୍ତ୍ରୀ ସୁଜାତା। ଭଗବାନ ତାଙ୍କ ପରିବାରବର୍ଗଙ୍କୁ ବଞ୍ଚାଇ ଦେଇଥିବା ସେମାନେ କହିଛନ୍ତି।

ପ୍ରକାଶ ଥାଉକି, ଦିଲୀପ, ସୁଜାତା ଓ ତାଙ୍କ ଦୁଇ ସନ୍ତାନ, ଦିଲୀପଙ୍କ ମାଆ, ଭଉଣୀ ଓ ଭଉଣୀଙ୍କ ଦୁଇ ସନ୍ତାନ ଛୁଟିରେ ଶନିବାର ବିଶାଖାପାଟଣା ୱାଟର ପାର୍କ ବୁଲିବାକୁ ଯାଇଥିଲେ । ରବିବାର ସନ୍ଧ୍ୟା ୬ଟାରେ ବିଶାଖାପାଟଣା-ରାୟଗଡ଼ା ପାସେଞ୍ଜରରେ ରାୟଗଡ଼ା ଅଭିମୁଖେ ଫେରୁଥିଲେ । ପରିବାର ଓ ପିଲାଙ୍କ ସହ ସମସ୍ତେ ଟ୍ରେନରେ ଖୁବ୍ ଖୁସି ଥିଲେ । ତେବେ ସନ୍ଧ୍ୟା ୭ଟାରେ ଅଚାନକ ଟ୍ରେନ୍‌ଟି ଦୋହଲିଲା ଆଉ ସିଟ୍‌ରେ ବସିଥିବା ପାସେଞ୍ଜର ଓ ପିଲାମାନେ ତଳେ ପଡ଼ିଗଲେ । ତାପରେ ଟ୍ରେନ ଆଉ ଆଗକୁ ଗଡ଼ିଲାନି । ଟ୍ରେନ୍‌ରେ ଥିବା ସମସ୍ତ ଯାତ୍ରୀ ଦୁର୍ଘଟଣାର ଆଭାସ ପାଇ ଖୁବ୍ ଭୟଭୀତ ହୋଇପଡ଼ିଥିଲେ। ଇଞ୍ଜିନଠାରୁ ମାତ୍ର ୨ଟି ବଗି ପରେ ଡି-୨ ବଗିରେ ୩୧ରୁ ୩୬ ନମ୍ବର ପର୍ଯ୍ୟନ୍ତ ସିଟ୍‌ରେ ବସିଥିଲେ ଦିଲୀପ ଓ ତାଙ୍କ ପରିବାରବର୍ଗ । ଦିଲୀପ ନିଜ ପରିବାରର ସମସ୍ତଙ୍କୁ ଟ୍ରେନରୁ ଓହ୍ଲାଇ ଷ୍ଟେଶନ ବାହାରକୁ ଆସିଲେ । ତେବେ ଟ୍ରେନରୁ ଓହ୍ଲାଇ ଆସିବା ସମୟରେ ୨ଟି ମୃତଦେହ ଦେଖି ସେମାନେ ପୂରା ହତବାକ୍ ହୋଇପଡ଼ିଥିଲେ। ତାଙ୍କ ପରିବାରବର୍ଗଙ୍କ କୌଣସି କ୍ଷତି ହୋଇ ନ ଥିବାରୁ ମନେ ମନେ ସେ ଭଗବାନଙ୍କୁ ଧନ୍ୟବାଦ ଦେଇଥିବା ଦିଲୀପ କହିଛନ୍ତି। ଷ୍ଟେଶନ ବାହାରକୁ ବାହାରି ବିଜୟନଗରମ୍‌କୁ ଏକ ବସ୍‌ରେ ଯାଇଥିଲେ। ବିଜୟନଗରମ୍‌ଠାରେ ପହଞ୍ଚିବା ପରେ ସେଠାରୁ ଟାକ୍ସି ବୁକିଂ କରି ଭୋର ପ୍ରାୟ ୩ଟାରେ ରାୟଗଡ଼ା ଫେରିଥିଲେ । ଫେରିବା ବେଳେ ମଝିଘରିଆଣି ମନ୍ଦିର ନିକଟସ୍ଥ ବ୍ରିଜରେ ଟ୍ରକ୍ ଅଟକି ରହିଥିବାରୁ ପୁଣି ଜେମାଦେଇପେଣ୍ଠକୁ ଫେରି ସେଠାରୁ ଦୁର୍ଗାପାଡୁ ରାସ୍ତା ଦେଇ ରାୟଗଡ଼ା ନିଜ ଘରକୁ ଫେରିଥିଲେ ।



ରାୟଗଡ଼ା ରେଳ ଷ୍ଟେଶନରେ ଦିଲୀପ, ସୁଜାତାଙ୍କ ସହିତ ତାଙ୍କ ଝିଅ।

### ଟ୍ରେନ୍ ଦୁର୍ଘଟଣାରୁ ବଞ୍ôଚଗଲେ ଦିଲୀପ, ତାଙ୍କ ପରିବାର

# ବାଇକ୍ ଚୋରି ମାମଲା, ଜଣେ କୋର୍ଟ ଚାଲାଣ

**ଗୋପାଳପୁର,୩୦।୧୦ (ନବୀନ ରାଜ ଆଚାରୀ)**

ବାଇକ ଚୋରି କରିବା ଅଭିଯୋଗରେ ଗୋପାଳପୁର ଥାନା ପୋଲିସ ସୋମବାର ଜଣେ ଯୁବକଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ନାରାୟଣପୁର ଗ୍ରାମର ଶ୍ରୀଧର ବେହେରା (୨୦)। ଏହି ଥାନା ଅନ୍ତର୍ଗତ ପଥରା ଛକ ନିକଟରେ ସୋମବାର ପୋଲିସ ଯାଞ୍ଚ କରୁଥିବା ସମୟରେ ବାଇକ ଯୋଗେ ଶ୍ରୀଧର ଗ୍ରାମକୁ ଫେରୁଥିଲେ। ପୋଲିସ ଯାଞ୍ଚ ସମୟରେ ଶ୍ରୀଧର ବାଇକ କାଗଜ ପତ୍ର ଦେଖାଇ ପାରିନଥିଲେ। ପରେ ଥାନାରେ ଅଟକ ରଖି ପୋଲିସ ପଚାରଉଚରା କରିବା ବେଳେ ଗତ ୨୩ ତାରିଖରେ ଡୁରା ଗ୍ରାମର ବ୍ୟାଙ୍କ କୋଲନୀରେ ବାଇକ ଚୋରି କରିଥିବା ଜଣାପଡ଼ିଥିଲା। ଏ ନେଇ ନଂ. ୪୨୧/୨୩ରେ ପୋଲିସ ଚୋରି ମାମଲାରେ ଶ୍ରୀଧରଙ୍କୁ ପୋଲିସ ଗିରଫ କରିବା ସହ ଚୋରିବାଇକ ଜବତ କରିଛି। ଶ୍ରୀଧର ନାଁରେ ବ୍ରହ୍ମପୁର ପୋଲିସ ଜିଲାର ବିଭିନ୍ନ ଥାନାରେ ମାମଲା ରହିଥିବା ନେଇ ପୋଲିସ ସୂଚନା ଦେଇଛି।

# ଚନ୍ଦ୍ରପୁରରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଶୁଭାରମ୍ଭ

**ଚନ୍ଦ୍ରପୁର,୩୦।୧୦(ବିଜୟ ପ୍ରସାଦ ଉଲାକା)**

ଚନ୍ଦ୍ରପୁର ବ୍ଲକର ହାଇସ୍କୁଲ ପରିସରରେ ଥିବା ଖେଳ ପଡିଆରେ ସୋମବାର ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଚନ୍ଦ୍ରପୁର ବ୍ଲକ ଅଧ୍ୟକ୍ଷ କଇଁନ କିମାକା, ସମ୍ମାନିତ ଅତିଥି ଭାବେ ବିଡିଓ ଅକ୍ଷୟ କୁମାର ମଲିକ, ଏପିଡି ନରେନ୍ଦ୍ର ନାୟକ, ଡିପିଏମ ହେମନ୍ତ ବାଗ, ଜଲା ପରିଷଦ ସଭ୍ୟ ସୁଜିତ ବ୍ରେଡକା, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଶ୍ୱଜିତ ମିଶ୍ର ସମସ୍ତ କନିଷ୍ଠ ଯନ୍ତ୍ରୀଙ୍କ ସମେତ ଏକ ହଜାରରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଅତିଥି ଅଭିଭାଷଣ ଦେଉଥିବାବେଳେ ଜନସାଧାରଣ ଉପସ୍ଥିତ ଅଛନ୍ତି।

# ଶପଥ ନେଲେ ଅଧିକାରୀ, କର୍ମଚାରୀ

**ଗୁଣପୁର, ୩୦।୧୦ (ପ୍ରଦୀପ କୁମାର ପାଢ଼ୀ)**

ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ସୋମବାର ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଶପଥପାଠ କରାଯାଇଛି । ଉପଜିଲାପାଳ ଲଳିତ କୁମାର କହଁର ସମସ୍ତ କର୍ମଚାରୀଙ୍କୁ ଦୁର୍ନୀତି ନିବାରଣ ଉପରେ ଶପଥପାଠ କରାଇଥିଲେ । ସହକାରୀ ଜିଲାପାଳ ସତ୍ୟଜିତ ନାୟକ, ବିପିନ ଚନ୍ଦ୍ର ନାୟକ, ଉପ ଜିଲାପାଳଙ୍କ କାର୍ଯ୍ୟାଳୟର ସେକ୍ସନ ଅଫିସର ମନୋରଞ୍ଜନି କାର୍ଜି, ରାମଚନ୍ଦ୍ର ସାହୁ ଓ କାର୍ଯ୍ୟାଳୟର ସମସ୍ତ ବରିଷ୍ଠ, କନିଷ୍ଠ ସହାୟକଙ୍କ ସମେତ କର୍ମଚାରୀମାନେ ଶପଥ ଗ୍ରହଣ କରିଥିଲେ । ସେହିପରି ଗୁଣପୁର ତହସିଲରେ ତହସିଲଦାର ଲୀଳାବତୀ ଆଚାର୍ଯ୍ୟ, ତହସିଲ କାର୍ଯ୍ୟାଳୟର ଅତିରିକ୍ତ ତହସିଲଦାର ଅଂଶୁମାନ ପରିଡ଼ାଙ୍କ ସମେତ ସେକ୍ସନ ଅଧିକାରୀ ଓ ସମସ୍ତ କର୍ମଚାରୀଙ୍କୁ ଶପଥପାଠ କରେଇଥିଲେ।



ଗୁଣପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଶପଥପାଠ କରାଯାଉଛି।

# ୩୧୪ ପ୍ରକଳ୍ପ ପାଇଁ ୧୦ କୋଟି ୫୦ ଲକ୍ଷ ମଞ୍ଜୁର

**ବିଷମକଟକ,୩୦।୧୦ (ବିଭୂତି ଭୂଷଣ ନାୟକ)**

ବିଷମ କଟକ ବ୍ଲକ୍‌ର ଶିକ୍ଷା ବିଭାଗ କାର୍ଯ୍ୟାଳୟ ପରିସରରେ ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ଏବଂ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶୁଭାରମ୍ଭ କରିଥିଲେ। ବିଷମ କଟକ ବ୍ଲକର ୨୧ଟି ପଞ୍ଚାୟତରେ ୧୦ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ୩୧୪ଟି ପ୍ରକଳ୍ପ କାର୍ଯ୍ୟକାରୀ ହେବା ସମ୍ପର୍କରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ଏହି କାର୍ଯ୍ୟକ୍ରମର ନୋଡାଲ ଅଫିସର ରାୟଗଡା ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ବେହେରା, ବିଷମ କଟକ ବ୍ଲକ ଅଧ୍ୟକ୍ଷା ଯଶୋଦା ହୁଇକା, ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, ପଛୁଆବର୍ଗ ବ୍ୟାପାର ଉପଦେଷ୍ଟା ପୃଥ୍ୱୀରାଜ ସାହୁ, ଜିଲା ପରିଷଦ ସଭ୍ୟା ସୁଜାତା କାଡ୍ରାକା ଏବଂ ବିଜୟ ଶାନ୍ତି କୁମୁରିକା, ବିଭିନ୍ନ ପଞ୍ଚାୟତରେ ଜନ ପ୍ରତିନିଧିମାନେ ଯୋଗ ଦେଇଥିଲେ । ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ କାର୍ଯ୍ୟାଳୟ ଏପିଡି ରଶ୍ମି ରଞ୍ଜନ ପରିଡ଼ା, ରାୟଗଡା ପିଇଟିଡିଏ ଦିଲୀପ କୁମାର ବେହେରା ଯୋଗ ଦେଇଥିବା ବେଳେ ସହକାରୀ ଯନ୍ତ୍ରୀ ପ୍ରତ୍ୟୁଷ ତ୍ରିପାଠୀ, ଏପିଓ ମାନସୀ ପାତ୍ର ସମସ୍ତ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୫ ହଜାରରୁ ଉର୍ଦ୍ଧ୍ୱ ମିଶନ ଶକ୍ତିର ମହିଳା ଉପସ୍ଥିତ ଥିଲେ ।

# ଦୁର୍ନୀତି ନିବାରଣ ନେଇ ଶପଥପାଠ

**ରାୟଗଡ଼ା,୩୦।୧୦(ଭାଗ୍ୟଶ୍ରୀ ମିଶ୍ର )**

ଦୁର୍ନୀତି ନିବାରଣ ସପ୍ତାହ-୨୦୨୩ ପାଳନ ଅବସରରେ ସୋମବାର ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଶପଥପାଠ କରାଯାଇଛି। ସ୍ଥାନୀୟ ଚିନ୍ତନ କକ୍ଷଠାରେ ରାୟଗଡ଼ା ଜିଲାପାଳ ସ୍ୱାଧାଦେବ ସିଂ ସମସ୍ତ କର୍ମଚାରୀଙ୍କୁ ଦୁର୍ନୀତି ନିବାରଣ ଉପରେ ଶପଥ ପାଠ କରାଇଥିଲେ । ଡେପୁଟି କଲେକ୍ଟର ସୂର୍ଯ୍ୟମଣି ଭୋଇ, ସହକାରୀ ଜିଲାପାଳ ଭଞ୍ଜନ କହଁର, ଜିଲାପାଳଙ୍କ କାର୍ଯ୍ୟାଳୟର ବିଭିନ୍ନ ଶାଖାର ଅଧିକାରୀ, ସେକ୍ସନ ଅଫିସର, ବିଭିନ୍ନ କାର୍ଯ୍ୟାଳୟର କର୍ମଚାରୀମାନେ ଶପଥ ଗ୍ରହଣ କରିଥିଲେ । ସେହିପରି ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ ତାଙ୍କ କାର୍ଯ୍ୟାଳୟରେ ସମସ୍ତ କର୍ମଚାରୀ, ଅନୁବିଭାଗୀୟ ଅଧିକାରୀମାନଙ୍କୁ ଶପଥ ପାଠ କରାଇଥିଲେ। ଜିଲାର ସମସ୍ତ କାର୍ଯ୍ୟାଳୟ, ଉପଖଣ୍ଡ ଓ ବ୍ଲକ କାର୍ଯ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯାଇଛି । ଭିଜିଲାନ୍ସ ଡିଏସ୍‌ପି ତରୁଲତା ବେହେରାଙ୍କ ତତ୍ତ୍ୱାବଧାନରେ ଆସନ୍ତା ୩୧ରୁ ୫ ତାରିଖ ଭିତରେ ଜିଲାର ସମସ୍ତ ବ୍ଲକର ଯେକୌଣସି ଦୁଇଟି ଲେଖାଏ ଗ୍ରାମପଞ୍ଚାୟତରେ ସଚେତନତା ଗ୍ରାମସଭା ଆୟୋଜନ କରାଯିବ । ଆସନ୍ତା ୩ ତାରିଖରେ ଜିଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି ।



ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ ଶପଥ ପାଠ କରୁଛନ୍ତି।

# ପୌର ପରିଷଦ ଅଫିସ ଆଗରେ ସିପିଆଇ(ଏମ୍‌ଏଲ୍)ର ପ୍ରତିବାଦ

**ଗୁଣପୁର,୩୦।୧୦(ପ୍ରଦୀପ କୁମାର ପାଢ଼ୀ)**

ବିଭିନ୍ନ ଦାବି ନେଇ ସିପିଆଇ (ଏମ୍‌ଏଲ୍) ଲିବରେଶନ ଆନୁକୂଲ୍ୟରେ ସୋମବାର ଗୁଣପୁର ବାଳିକା ଉଚ୍ଚ ବିଦ୍ୟାଳୟଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ପୌର ପରିଷଦ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ୧୫ ଦଫା ଦାବି ନେଇ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଗୁଣପୁର ପୌର ପରିଷଦ ଅଧୀନ ୧୬ ନମ୍ବର ୱାର୍ଡର କରାବାଙ୍କ ଓ ଦଣ୍ଡାସିସାହିର ଆଦିବାସୀ ଦଳିତ ଲୋକଙ୍କୁ ଜାଗା ମିଶନରେ ସାମିଲକରି ଘର ନିର୍ମାଣ ପାଇଁ ଆର୍ଥିକ ସହାୟତା ଓ ଜାଗାର ପଟ୍ଟା ପ୍ରଦାନ କରିବା, ପୌରାଞ୍ଚଳର ଶ୍ରୀନଗର ଓ ଆଦର୍ଶନଗର ଅଞ୍ଚଳକୁ ପକ୍କାରାସ୍ତା, ବିଦ୍ୟୁତ୍ ସଂଯୋଗ ଓ ଡ୍ରେନ୍ ନିର୍ମାଣ, ପୌରାଞ୍ଚଳରେ ଟାଉନ ପ୍ଲାନିଂ ଅନୁମୋଦନ ନ ଥାଇ ଜମି ବିକ୍ରିକରି ଲୋକଙ୍କୁ ଠକିଥିବା ଜମି ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଉନ୍ନୟନ ପ୍ରକଳ୍ପଗୁଡ଼ିକର ଗୁଣବତ୍ତା ରକ୍ଷାକରିବା,ଗୋସୁରକ୍ଷା ପାଇଁ ଗୋଶାଳା ନିର୍ମାଣ, ମହିମା ନଗର ୧ନଂ. ୱାର୍ଡରେ ଘର କରି ରହୁଥିବା ଲୋକଙ୍କୁ ଜାଗା ମିଶନରେ ସାମିଲକରି ପଟ୍ଟା ପ୍ରଦାନ କରିବା, ପୌର ପରିଷଦ ଅଧୀନରେ ଥିବା ସରକାରୀ ଜମିକୁ ବିକ୍ରି କରୁଥିବା ଜମିଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ସମସ୍ତ ୱାର୍ଡରେ ଗରିବମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଯୋଗାଇଦେବା, ପାର୍କରେ ଆଲୋକ ଓ ପାନୀୟ ଜଳ ବ୍ୟବସ୍ଥା ଇତ୍ୟାଦି ଦାବି ରହିଛି। ଏହି ଦାବିଗୁଡ଼ିକୁ ତୁରନ୍ତ ପୂରଣ ଦିଗରେ ଜିଲା ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ ନ କଲେ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କୈଳାସ ଶବର, କୁନା ଶବର, ମାଣିକ ଶବର, ମୀନ ଶବର, ରାଜେନ୍ଦ୍ର ଶବର, ସରସ୍ୱତୀ ଶବର, ସାନ ଶବର, ସୁନିତା କାଡ୍ରାକା, ନାରଜିତ ରାଇକା, କରୁଣାକର ଲିମା ପ୍ରମୁଖ ଉପସ୍ଥିତ ଥିଲେ ।



ପୌର ନିର୍ବାହୀ ଅଧିକାରୀ ଦାବିପତ୍ର ଗ୍ରହଣ କରୁଛନ୍ତି।

**ସଂକ୍ଷେପରେ**

## ଧାନଗଦାରେ ନିଆଁ



ପାପଡାହାଣ୍ଡି,୩୦।୧୦ (ସ୍ୱପ୍ନଜିତ ପଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଭାଟିକୋଟଠାରେ ମନ ଶାନ୍ତାଙ୍କ ଧାନ ଗଦାରେ ସୋମବାର ନିଆଁ ଲାଗ ନଷ୍ଟ ହୋଇଯାଇଛି। ପ୍ରାୟ ୭ ଏକର ଜମିର ଧାନ ଆଣି ସେ ଗଦା କରି ରଖିଥିଲେ। ସୋମବାର ଅପରାହ୍ନରେ ହଠାତ ନିଆଁ ଲାଗି ଯାଇଥିବାବେଳେ ଗ୍ରାମବାସୀ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଶେଷରେ ପାପଡାହାଣ୍ଡି ଅଗ୍ନିଶମ ବିଭାଗକୁ ଖବର ଦେବାରୁ ସେମାନେ ଆସି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲାଗି ଧାନ ପୋଡି ଯିବା ଯୋଗୁଁ ଚାଷୀ ମନ ଶାନ୍ତା ଦୁଃଖରେ ଭାଙ୍ଗି ପଡିଛନ୍ତି । ତାଙ୍କୁ ସରକାରୀ ସହାୟତା ପ୍ରଦାନ ଲାଗି ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଶପଥପାଠ

ଗୁଣପୁର,୩୦।୧୦(ପ୍ରଦୀପକୁମାରପାଢ଼ୀ)

ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ସୋମବାର ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଶପଥପାଠ କରାଯାଇଛି। ଉପଜିଲାପାଳ ଲଳିତ କୁମାର କହଁର ସମସ୍ତ କର୍ମଚାରୀଙ୍କୁ ଦୁର୍ନୀତି ନିବାରଣ ଉପରେ ଶପଥପାଠ କରାଇଥିଲେ । ସହକାରୀ ଜିଲାପାଳ ସତ୍ୟଜିତ ନାୟକ, ବିପିନ ଚନ୍ଦ୍ର ନାୟକ, ଉପ ଜିଲାପାଳଙ୍କ କାର୍ଯ୍ୟାଳୟର ସେକ୍ସନ ଅଫିସର ମନୋରଞ୍ଜନି କାର୍ଜି, ରାମଚନ୍ଦ୍ର ସାହୁ ଓ କାର୍ଯ୍ୟାଳୟର ସମସ୍ତ ବରିଷ୍ଠ, କନିଷ୍ଠ ସହାୟକଙ୍କ ସମେତ କର୍ମଚାରୀମାନେ ଶପଥ ଗ୍ରହଣ କରିଥିଲେ। ସେହିପରି ଗୁଣପୁର ତହସିଲରେ ତହସିଲଦାର ଲୀଳାବତୀ ଆଚାର୍ଯ୍ୟ, ତହସିଲ କାର୍ଯ୍ୟାଳୟର ଅତିରିକ୍ତ ତହସିଲଦାର ଅଂଶୁମାନ ପରିଡ଼ାଙ୍କ ସମେତ ସେକ୍ସନ ଅଧିକାରୀ ଓ ସମସ୍ତ କର୍ମଚାରୀଙ୍କୁ ଶପଥପାଠ କରେଇଥିଲେ। ଫଟୋ– ଗୁଣପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଶପଥପାଠ କରାଯାଉଛି।

## ବାଇକ୍ ଧକ୍କାରେ ଜଣେ ମୃତ

ଆସିକା,୩୦।୧୦(ସୁରେନ୍ଦ୍ର ନାଥ ସାହୁ)

ଆସିକା–ଭଞ୍ଜନଗର ମୁଖ୍ୟରାସ୍ତାର ସହର ଉପକଣ୍ଠ କେ.ନୂଆପଲ୍ଲୀ ଗ୍ରାମ ନିକଟରେ ସୋମବାର ସନ୍ଧ୍ୟାରେ ବାଇକ ଧକ୍କାରେ ଜଣେ ପଥଚାରୀଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଆସିକା ଥାନା ଅନ୍ତର୍ଗତ ଦେବଭୂମି ଗ୍ରାମର ଚନ୍ଦ୍ର ପ୍ରଧାନ (୫୫)। ଚନ୍ଦ୍ର ଆସିକାରୁ ଗାଁକୁ ଚାଲି ଚାଲି ଫେରୁଥିଲା ବେଳେ ବାଇକ ଧକ୍କା ଦେବାରୁ ଗୁରୁତର ହୋଇଥିଲେ। ତାଙ୍କୁ ଆସିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ । ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରିଛି । ଦୁର୍ଘଟଣା ଘଟାଇଥିବା ବାଇକ ଆରୋହୀଙ୍କୁ ଅଟକ ରଖି ତଦନ୍ତ ଚାଲିଥିବା ଥାନା ଅଧିକାରୀ ସ୍ୱରୂପ କିସନ ସୂଚନା ଦେଇଛନ୍ତି।

# ଜିଲାପାଳଙ୍କ କାର୍ଯ୍ୟାଳୟରୁ ତାଲା ଭାଙ୍ଗି ଚୋରି

**ସାଇଣ୍ଟିଫିକ୍ ଟିମ୍, ପୋଲିସର ତନାଘନା**

ନବରଙ୍ଗପୁର,୩୦।୧୦(ସଦାଶିବ ପ୍ରହରାଜ)

ଜିଲାପାଳଙ୍କ କାର୍ଯ୍ୟାଳୟରେ ପଶି ଚୋରି କରିବାକୁ ମଧ ଭୟ କଲେନି ଚୋର। ଜିଲାପାଳଙ୍କ କାର୍ଯ୍ୟାଳୟ ସୁରକ୍ଷା ବଳୟରେ ଥିଲେ ମଧ ଏହା ଚୋରଙ୍କ ପାଇଁ କିଛି ଫରକ ପଡିନି। ସେମାନେ ତାଲା ଭାଙ୍ଗି ନିର୍ଭୟରେ ଚୋରି କରିଛନ୍ତି। ଏହି ଖବର ଜଣାପଡିବା ପରେ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଚୋରମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଗ୍ରୀଲ ତାଲା ଭାଙ୍ଗି ୪ଟି ମନିଟର, ୨ଟି ସିପିୟୁ ସହ ଗୋଟିଏ ପ୍ରିଣ୍ଟର ଚୋରି କରି ନେଇଯାଇଛନ୍ତି । ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ତଳମହଲାରେ ଥିବା ନିର୍ବାଚନ ଉପ ବିଭାଗ କକ୍ଷ ଏବଂ ଡେପୁଟି କଲେକ୍ଟରଙ୍କ କକ୍ଷରୁ ଏହି ଚୋରି ହୋଇଛି। ସୋମବାର କର୍ମଚାରୀମାନେ କାର୍ଯ୍ୟାଳୟ ଭିତରକୁ ଯିବା ବେଳେ ତାଲା ଭାଙ୍ଗିଥିବା ଏବଂ ଏହା ତଳେ ପଡିଥିବା ଦେଖି ନବରଙ୍ଗପୁର ଥାନାକୁ



ଖବର ଦେଇଥିଲେ। ଏଡିପିଓ ନିହାର ରଞ୍ଜନ ପ୍ରଧାନ, ଥାନା ଅଧିକାରୀ ସମ୍ପିତ ବେହେରା, ଏସ୍ଆଇ ସବୀର ଅହମ୍ମଦ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି । ସାଇଣ୍ଟିଫିକ ଟିମ ଏବଂ ସନ୍ଧାନୀ କୁକୁର ମଧ ଘଟଣା ସ୍ଥଳରେ ଛାନଭିନ୍ ଚଳାଇଛି। ଏହି ଘଟଣା ସାଧାରଣରେ ଆଲୋଡନ ଖେଳାଇ ଦେଇଛି। ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ ଯେଉଁଠି ସୁରକ୍ଷିତ ନୁହେଁ ସେଠାରେ ଜନସାଧାରଣ କିପରି ସୁରକ୍ଷିତ ରହିବେ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ସରକାରୀ ସମ୍ପତ୍ତି ଓ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ଫାଇଲ ରହୁଥିବା ଜିଲାପାଳଙ୍କ କାର୍ଯ୍ୟାଳୟର ସିସିଟିଭି ଦୀର୍ଘ ମାସ ହେବ ଅଚଳ ହୋଇପଡିଛି। ଏହାର ମରାମତି କରାଯାଉନାହିଁ । ସରକାର ରାତ୍ର ଜଗୁଆଳି ନିଯୁକ୍ତି କରିଛନ୍ତି ଏଥିସହ ପୋଲିସ ରାତ୍ରକାଳୀନ ପାଟ୍ରୋଲିଂ କରାଯାଉଥିବା କୁହାଯାଉଛି। ଏହା ସତ୍ତ୍ୱେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଚୋରି ହେବା ପ୍ରଶାସନିକ କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନ ଉଠାଇଛି।

# ଖାଦ୍ୟରେ କ୍ଷୁଦ୍ର ଶସ୍ୟ ସାମିଲ କରିବାକୁ ପରାମର୍ଶ




ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଡାବୁଗାଁ, ୩୦।୧୦ (ପ୍ରଜ୍ଞାରଞ୍ଜନ ପରିଡା)

**ମିଲେଟ ମଦର ଇଭେଣ୍ଟ କାର୍ଯ୍ୟକ୍ରମ**

ଡାବୁଗାଁ ବ୍ଲକ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟର ସଭାଗୃହରେ ସୋମବାର ଓଡିଶା ମିଲେଟ ମିଶନ ତରଫରୁ ଡେମୋକ୍ରାଟିକ ଆକ୍ସନ ଡାବୁଗାଁ ପକ୍ଷରୁ ମିଲେଟ ମଦର ଇଭେଣ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ସିଡିପିଓ ମିନତୀ ଦାସ ଯୋଗଦେଇ କ୍ଷୁଦ୍ରଶସ୍ୟର ଆବଶ୍ୟକତା, ବ୍ୟବହାରିତା ପୋଷକତତ୍ତ୍ୱ ଇତ୍ୟାଦି ଉପରେ ଆଲୋଚନା କରି ଥିଲେ। ବର୍ତ୍ତମାନ ପରିବର୍ତ୍ତନଶୀଳ ପାଣିପାଗକୁ ଦୃଷ୍ଟିରେ ରଖି କ୍ଷୁଦ୍ରଶସ୍ୟ ଚାଷ ଅତ୍ୟନ୍ତ ଆବଶ୍ୟକ ବୋଲି କହିଥିଲେ । ଉପସ୍ଥିତ ସମସ୍ତ ପ୍ରତିଭାଗୀଙ୍କୁ ଦୈନନ୍ଦିନ ଭୋଜନରେ କ୍ଷୁଦ୍ର ଶସ୍ୟକୁ ଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ । ଏହା ଦ୍ୱାରା ଗର୍ଭବତୀ ମହିଳା, ଶିଶୁ, ବୃଦ୍ଧଙ୍କୁ ଆବଶ୍ୟକ ପୋଷକ ତତ୍ତ୍ୱ ମିଳିପାରିବ ଏବଂ ଚାଷୀଙ୍କୁ ଉପଯୁକ୍ତ ଦର ମିଳି ପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶେଷରେ ମାଣ୍ଡିଆରେ ପ୍ରସ୍ତୁତି ହୋଇଥିବା ସମସ୍ତ ଖାଦ୍ୟ ସେବନ କରିଥିଲେ । ଅଙ୍ଗନୱାଡି ସୁପରଭାଇଜର ରୋଜାଲିନ ପ୍ରଧାନ ଓ ବିମଳା କୁମାରୀ ନାୟକ, ସ୍ୱାସ୍ଥ୍ୟ କର୍ମୀ (ମହିଳା) କବିତା ନାୟକ, ମିଶନ ଶକ୍ତି ବିପିଏ ନବୀନ ଭତରା, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ଓ ୪ଟି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଯୋଗ ଦେଇଥିଲେ । ଏହି ବୈଠକକୁ ମିଲେଟ ମିଶନ ବ୍ଲକ ସଂଯୋଜକ ନବୀନ ମହୁରିଆ ପରିଚାଳନା କରିଥିଲେ । ସହକାରୀ ଜିଲା କାର୍ଯ୍ୟକ୍ରମ ସଂଯୋଜକ ରାଜେଶ୍ୱର ସାଇଁ, ସିଆରପି ବସନ୍ତ ପୂଜାରୀ, ମମତା ମାଳୀ, ସୁବାସ ଭତରା, ଗୁରୁବନ୍ଧୁ ଭତରା, ଭସମନ ମାଳୀ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ପିଣ୍ଟୁ ସାହୁ ଯୁବକଂଗ୍ରେସ ଆଇନ ପରାମର୍ଶଦାତା ସେଲ୍ ଅଧକ୍ଷ

ଗୁଣପୁର,୩୦।୧୦(ପ୍ରଦୀପ କୁମାର ପାଢ଼ୀ)

ରାଜ୍ୟ ଯୁବ କଂଗ୍ରେସର ଆଇନ ପରାମର୍ଶଦାତା ସେଲ୍‌ର ଅଧକ୍ଷ ହୋଇଛନ୍ତି ଗୁଣପୁର ଯୁବକଂଗ୍ରେସ ନେତା ପ୍ରଦୀପ ସାହୁ ଓରଫ ପିଣ୍ଟୁ ସାହୁ। ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ଏ ନେଇ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି । ଏହାକୁ ନେଇ ତାଙ୍କର ସମର୍ଥକଙ୍କ ମଧରେ ଉତ୍ସାହ ଦେଖାଦେଇଛି। ଗତ ୨ ଦଶନ୍ଧି ଧରି ସେ କଂଗ୍ରେସରେ ସକ୍ରିୟ କାର୍ଯ୍ୟକର୍ତ୍ତା ଭାବେ କାର୍ଯ୍ୟ କରି ଆସୁଛନ୍ତି। ୨୦୦୮ରେ ସେ ଗୁଣପୁର କଲେଜର ସଭାପତି ହେବା ପରେ କଂଗ୍ରେସ ନେତା ସ୍ୱର୍ଗତ ଲୁଲୁ ମହାପାତ୍ରଙ୍କ ସାଙ୍ଗଠନିକ ଦକ୍ଷତାରେ ଅନୁପ୍ରାଣିତ ହୋଇ କଂଗ୍ରେସରେ ମିଶିଥିଲେ। ଏହାପରଠାରୁ ସେ ଗୁଣପୁର ନିର୍ବାଚନମଣ୍ଡଳୀ, ରାୟଗଡ଼ା ଜିଲା ଓ ରାଜ୍ୟସ୍ତରରେ ଯୁବ ଓ ଛାତ୍ର ସଙ୍ଗଠନରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହି ଆସିଛନ୍ତି। ଜିଲାର ଯୁବ କଂଗ୍ରେସ ସଭାପତି ଓ ଛାତ୍ର କଂଗ୍ରେସ ସଭାପତି ଭାବେ ସେ ଉଲ୍ଲେଖନୀୟ ସାଙ୍ଗଠନିକ କାର୍ଯ୍ୟ କରିଥିବା ନଜିର ରହିଛି। ଏହାପରେ ଏବେ ସେ ରାଜ୍ୟସ୍ତରରେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ପାଇବା ପରେ ସ୍ଥାନୀୟ ଅଞ୍ଚଳରେ ତାଙ୍କ ଶୁଭେଚ୍ଛୁ ଓ ସମର୍ଥକମାନେ ଅଭିନନ୍ଦନ ଜଣାଇଛନ୍ତି।

## ତୀର୍ଥ ଯାତ୍ରାରେ ଯିବେ ୧୦୦୦ ବରିଷ୍ଠ ନାଗରିକ

ବ୍ରହ୍ମପୁର,୩୦।୧୦(ସ୍ମୃତି ରଞ୍ଜନ ମହାଲିକ)

ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ଗଞ୍ଜାମ ଜିଲାରୁ ୧ ହଜାର ତୀର୍ଥଯାତ୍ରୀ ବ୍ରହ୍ମପୁର ରେଳ ଷ୍ଟେଶନଠାରୁ କନ୍ୟାକୁମାରୀ–ତ୍ରିବେନ୍ଦ୍ରମ ଯାତ୍ରା କରିବେ। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ବ୍ରହ୍ମପୁରର ଗୁଡସରୋଡ ସ୍ଥିତ ଏକ ଘରୋଇ ସ୍କୁଲରେ ତୀର୍ଥ ଯାତ୍ରୀଙ୍କ ରହଣି ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ତୀର୍ଥଯାତ୍ରୀଙ୍କ ନିମନ୍ତେ ଖାଇବା, ସ୍ୱାସ୍ଥ୍ୟ ପରୀକ୍ଷା ସମେତ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରାଯାଇଛି। ଆସନ୍ତାକାଲି ତୀର୍ଥ ଯାତ୍ରୀମାନେ ଯାତ୍ରା କରିବାକୁ ଥିବା ବେଳେ ସୋମବାର ତୀର୍ଥ ଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସ୍ୱାସ୍ଥ୍ୟବସ୍ଥା ଠିକ ଥିଲେ ସେମାନଙ୍କୁ ତୀର୍ଥ ଯାତ୍ରା ନିମନ୍ତେ ଅନୁମତି ଦିଆଯିବ। ସ୍ୱାସ୍ଥ୍ୟ ପରୀକ୍ଷା ସମୟରେ ବ୍ରହ୍ମପୁର ଉପଜିଲାପାଳ ଆଶୁତୋଷ କୁଲକର୍ଣ୍ଣି, ବିଏମସି ଡେପୁଟି କମିଶନର ତଥା ଜିଲା ଭାରପ୍ରାପ୍ତ ପର୍ଯ୍ୟଟନ ଅଧିକାରୀ ବିନୋଦ କୁମାର ବେହେରା, ଅତିରିକ୍ତ କମିଶନର ରମେଶ ହାଂସଦା ପ୍ରମୁଖ ଉପସ୍ଥିତ ଥିଲେ। ତୀର୍ଥ ଯାତ୍ରୀଙ୍କ ନିମନ୍ତେ ଭଜନ ସନ୍ଧ୍ୟା ଆୟୋଜିତ ହୋଇଥିଲା। ମଙ୍ଗଳବାର ପୂର୍ବାହ୍ନ ସାଢେ ୧୧ଟାରେ ତୀର୍ଥ ଯାତ୍ରୀମାନେ ଯାତ୍ରା କରିବେ।

## ୪ ମାସ ପରେ ତେନ୍ତୁଳିଖୁଣ୍ଟିରେ ତହସିଲଦାର ନିଯୁକ୍ତ

ତେନ୍ତୁଳିଖୁଣ୍ଟି,୩୦।୧୦ (ଚିଦାନନ୍ଦ ସାହୁ)



ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ତହସିଲଦାର ଭାବେ ସୋମବାର ଅଶୋକ କୁମାର ମୁଦୁଲି ଦାୟିତ୍ୱ ଗ୍ରହଣ କରିଛନ୍ତି। ତହସିଲଦାର ଅଶୋକ ପୂର୍ବରୁ ମାଲକାନଗିରି ଜିଲା କୁଡ଼ମୁଲଗୁମ୍ମାରେ ଅତିରିକ୍ତ ତହସିଲଦାର ଦାୟିତ୍ୱ ତୁଲାଉଥିଲେ। ସେ କାର୍ଯ୍ୟଭାର ଗ୍ରହଣ କରିବା ପରେ ଲୋକଙ୍କ ପାଇଁ ସର୍ବଦା ରହିଛନ୍ତି ,ଯେତେବେଳେ ଯାହା ଆବଶ୍ୟକ ସରକାରୀ ନିର୍ଦ୍ଦେଶାବଳୀ ଅନୁସାରେ ଲୋକଙ୍କ କାମ କରିବେ ବୋଲି କହିଛନ୍ତି। ସୂଚନାଥାଉକି,ଗତ ୪ ମାସ ହେଲା ତେନ୍ତୁଳିଖୁଣ୍ଟିରେ ନିୟମିତ ତହସିଲଦାର ପଦବୀ ଖାଲି ଥିଲା। ତେନ୍ତୁଳିଖୁଣ୍ଟି ତହସିଲଦାର ଥିବା ପ୍ରଦୀପ କୁମାର କରଙ୍କ ବିଡ଼ିଓ ଭାବେ ମାଲକାନଗିରି ଜିଲା ବଦଳି ହେବା ପରେ ଭାରପ୍ରାପ୍ତ ତହସିଲଦାର ଭାବେ ହିମାଂଶୁ ଶେଖର ନାୟକ ଦାୟିତ୍ୱ ନିର୍ବାହ କରୁଥିଲେ। ତାଙ୍କ ବଦଳି ପରେ ଯାହାଙ୍କୁ ତେନ୍ତୁଳିଖୁଣ୍ଟି ତହସିଲଦାର ଭାବେ ନିଯୁକ୍ତି ଦିଆଯାଇଥିଲା ସେ କାର୍ଯ୍ୟରେ ଯୋଗ ଦେଇ ନ ଥିଲେ। ସେହିଭଳି ଦୀର୍ଘଦିନ ଧରି ଖାଲିଥିବା ଅତିରିକ୍ତ ତହସିଲଦାର ପଦବୀରେ ସୀମାଞ୍ଚଳ ପାତ୍ର ନିଯୁକ୍ତି ହୋଇଛନ୍ତି।

## ଅନୁସୂଚିତ ଜାତି ଜିଲା କୋର୍ କମିଟି ଉପଦେଷ୍ଟା ହେଲେ ଭୁବନେଶ୍ୱର ବେଶ୍ରା

ଚନ୍ଦାହାଣ୍ଡି,୩୦।୧୦ ( ଦିଲୀପ ଦାସ)



ନବରଙ୍ଗପୁର ଜିଲା ଅନୁସୂଚିତ ଜାତି ମୂଳ ନିବାସୀ ସଂଘର ସୁପରିଚାଳନା ପାଇଁ ସୋମବାର ଜଲାର ଅନୁସୁଚିତ ଜାତିର ୧୦ଟି ବ୍ଲକର ସମସ୍ତ ସଦସ୍ୟ ଓ କର୍ମକର୍ତ୍ତାଙ୍କୁ ନେଇ ଡାବୁଗାଁ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜିଲାର ବରିଷ୍ଠ ସାମାଜିକ କର୍ମୀ ଲଳିତ ମୋହନ ନାୟକ ମୁଖ୍ୟ ଅତିଥି, ଧୀମାନ ପ୍ରକାଶ ନାଗ, ଚୁନିଲାଲ ମିର୍ଜା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ଅନୁସୂଚିତ ଜାତି ଯୁବ ସଂଘ ସଭାପତି ରାଜେନ୍ଦ୍ର ଭକ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅନୁସୂଚିତ ଜାତି ମୂଳନିବାସୀ ସଂଘର ସୁପରିଚାଳନା ପାଇଁ ଚନ୍ଦାହାଣ୍ଡି ବ୍ଲକର ବରିଷ୍ଠ ସାମାଜିକ କର୍ମୀ ଭୁବନେଶ୍ୱର ବେଶ୍ରାଙ୍କୁ ଜିଲା କ୍ରିୟାନୁଷ୍ଠାନ କମିଟିର ଉପଦେଷ୍ଟା ରୂପେ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି। ଚନ୍ଦାହାଣ୍ଡି ମୂଳନିବାସୀ ଅନୁସୂଚିତ ଜାତି ସଂଘ ତଥା ପାନାବେ ଉମ୍ଭ ସମାଜର ସମସ୍ତ ସଦସ୍ୟ ତାଙ୍କର ଏଭଳି ଏକ ସାମାଜିକ ଦାୟିତ୍ୱବୋଧକୁ ସ୍ୱାଗତ କରିଥିବା ବେଳେ ଜିଲା ଅନୁସୁଚିତ ଜାତି ସଂଘକୁ ଧନ୍ୟବାଦ ଜଣାଇଛନ୍ତି। ନୂତନ ଭାବେ ନିଯୁକ୍ତ ଜିଲା ଉପଦେଷ୍ଟା ଭୁବନେଶ୍ୱର ବେଶ୍ରା ଜିଲା ଅନୁସୂଚିତ ଜାତିର ସାମୂହିକ ବିକାଶ ପାଇଁ ଧ୍ୟାନ ଦେଇ କାର୍ଯ୍ୟ କରି ନିଜ ପଦବୀର ମର୍ଯ୍ୟାଦା ରକ୍ଷା କରିବେ ବୋଲି କହିଛନ୍ତି । ଏହି ବୈଠକରେ ଜିଲାର ଅନେକ କର୍ମକର୍ତ୍ତା ଭଗବାନ ବୈରାଗୀ, କ୍ଷେମରାଜ ବାଘ, ଶେଷମଳ ହରପାଲ, ସନ୍ତୋଷ କୁମାର ଟାକ୍ରୀ, ପୂର୍ଣ୍ଣଚନ୍ଦ୍ର ଟାକ୍ରୀ, ମୋହନ ଲାଲ ସୁନାନୀ, ପବିତ୍ର ଡଙ୍ଗରି, ପୀତାମ୍ବର ସୋରୀ ସମେତ ଜିଲାର ଅନେକ ସମାଜସେବୀ ଉପସ୍ଥିତ ଥିଲେ ।

## ଜଣଙ୍କ ଉପରେ ୩ ବିଭାଗ ଦାୟିତ୍ୱ

**ବଦଳିଲେ ୪ ଅଧିକାରୀ**

ଉମରକୋଟ, ୩୦।୧୦ (ସନ୍ତୋଷ ଶତପଥୀ)



ବିଡ଼ିଓ ପ୍ରୀତି ରଞ୍ଜନ ରଥ ।

ନବରଙ୍ଗପୁର ଜିଲା ଉମରକୋଟରେ ତହସିଲଦାର, ଅତିରିକ୍ତ ତହସିଲଦାର, ବିଡ଼ିଓ ଏବଂ ପୌର ନିର୍ବାହୀ ଅଧିକାରୀ ବଦଳିଛନ୍ତି। ଗୋଟିଏ ଦିନରେ ୪ଜଣ ଅଧିକାରୀ ବଦଳିବା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ଉମରକୋଟ ତହସିଲଦାର ତୁଳା ମୁଦୁଲି କୋଟପଡ ତହସିଲଦାର, ଅତିରିକ୍ତ ତହସିଲଦାର ଉମେଶ ପୁଜାରୀ ମାଲକାନଗିରି ଅତିରିକ୍ତ ତହସିଲଦାର, ବିଡ଼ିଓ ହିମାଞ୍ଚଳ ମାଝୀ ଧର୍ମଗଡ଼ ବିଡ଼ିଓ, ନିର୍ବାହୀ ଅଧିକାରୀ ଋଷି ମାଝୀ ଗଞ୍ଜାମ ଜିଲା ପୋଲସରା ଏନଏସି ନିର୍ବାହୀ ଅଧିକାରୀ ଭାବେ ବଦଳିଛନ୍ତି। ସମସ୍ତେ ନିଜନିଜ କାର୍ଯ୍ୟ ସ୍ଥଳରେ ଯୋଗ ଦେଇଛନ୍ତି । ଫଳରେ ଉମରକୋଟ ତହସିଲ କାର୍ଯ୍ୟାଳୟ ଓ ପୌର କାର୍ଯ୍ୟାଳୟ ଅଧିକାରୀ ଶୂନ୍ୟ ହୋଇ ପଡିଛି। ଇତି ମଧରେ ଉମରକୋଟ ବିଡିଓ ପ୍ରୀତି ରଞ୍ଜନ ରଥ କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ଏହା ପୂର୍ବରୁ ଲକ୍ଷ୍ମୀପୁର ବିଡ଼ିଓ ଭାବେ କାର୍ଯ୍ୟରତ ଥିଲେ। ମୌଳିକ ସୁବିଧାରୁ ଲୋକେ ଯେପରି ବଞ୍ଚିତ ନ ହେବେ ଏବଂ ସେମାନଙ୍କ ସମସ୍ୟାକୁ ସର୍ବାଧିକ ପ୍ରାଥମିକତା ଦେ କାର୍ଯ୍ୟ କରିବି ବୋଲି ଏହି ଅବସରରେ ସେ କହିଛନ୍ତି। ସୂଚନାଯୋଗ୍ୟ, ଏଠାରେ ଜଣେ ଜଣେ ଅଧିକାରୀଙ୍କ ଉପରେ ୩ଟି ଲେଖାଏ ବିଭାଗର ଦାୟିତ୍ୱ ଥିଲା। ଉମରକୋଟ ପୌର ନିର୍ବାହୀ ଅଧିକାରୀ ଭାବରେ ନିଯୁକ୍ତି ପାଇଥିବା ସନ୍ତୋଷ ନାୟକ ପୂର୍ବରୁ ଭଦ୍ରକ ଜିଲା ଧାମନଗର ଏନଏସିର ନିର୍ବାହୀ ଅଧିକାରୀ ଥିଲେ। ଗତ ଅକ୍ଟୋବରରେ ଉମରକୋଟ ପୌର ନିର୍ବାହୀ ଅଧିକାରୀ ଭାବେ ଋଷି ମାଝୀ କାର୍ଯ୍ୟରେ ଯୋଗ ଦେଇଥିଲେ। ତାଙ୍କ ଏକବର୍ଷ କାର୍ଯ୍ୟକାଳ ସମୟରେ ସହରର ଅନେକ ଉନ୍ନତିମୂଳକ କାର୍ଯ୍ୟ ହୋଇଥିଲା। ସେହପରି ତହସିଲଦାର ତୁଳା ମୁଦୁଲି ଫେବୃଆରୀ ମାସରେ କାର୍ଯ୍ୟରେ ଯୋଗ ଦେଇଥିଲେ। ସେ ୯ ମାସ ତହସିଲଦାର ଭାବେ କାର୍ଯ୍ୟକରିଥିଲେ।

# ଭୈରବ ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ

ଡାବୁଗାଁ, ୩୦।୧୦ (ପ୍ରଜ୍ଞାରଞ୍ଜନ ପରିଡା)

ଡାବୁଗାଁ ଭୈରବ ସ୍ନାତକ ମହାବିଦ୍ୟାଳୟରେ ସୋମବାର ଭିଜିଲାନ୍ସ ସପ୍ତାହ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭୈରବ ସ୍ନାତକ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ତଥା ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ଶଙ୍କର ପ୍ରସାଦ ଗନ୍ତାୟତ ଯୋଗଦେଇ ଦେଶର ବିଭିନ୍ନ କ୍ଷେତ୍ରରୁ ଦୁର୍ନୀତିକୁ ମୂଳଉତ୍ପାଟନ କରିବା ଦରକାର ବୋଲି କହିଥିଲେ । ଏଥିସହିତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକ ଦୁର୍ନୀତି ସମ୍ପର୍କିତ କୌଣସି ଘଟଣାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବେ, ବ୍ୟକ୍ତିଗତ ଆଚରଣରେ ଦୃଷ୍ଟାନ୍ତମୂଳକ ସାଧୁତା ବଜାୟ ରଖିବା, ଜନ ସାଧାରଣଙ୍କ ହିତସାଧନ ପାଇଁ କାର୍ଯ୍ୟ କରିବା ନେଇ ଶପଥ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭୈରବ ସ୍ନାତକ ମହାବିଦ୍ୟାଳୟର ଅର୍ଥନୀତି ବିଭାଗୀୟ ମୁଖ୍ୟ ଉର୍ମିଳା ବ୍ରହ୍ମା, ଇତିହାସ ବିଭାଗୀୟ ମୁଖ୍ୟ ପୁଷ୍ପାଞ୍ଜଳି ସାହୁ, ଓଡ଼ିଆ ବିଭାଗୀୟ ମୁଖ୍ୟ ଚନ୍ଦନା ପଣ୍ଡା, ଓଡ଼ିଆ ବିଭାଗୀୟ ଅଧ୍ୟାପିକା ମନୀଷା ସରକାର, ଇତିହାସ ବିଭାଗର ଅଧ୍ୟାପକ ଦୟାରାମ ମନୋହର, ଇଂରାଜୀ ବିଭାଗର ଅଧ୍ୟାପକ ମହେନ୍ଦ୍ର ଦେବର ପଲ୍ଲୀ ଓ ପଞ୍ଚାନନ ପୂଜାରୀଙ୍କ ସହ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।



କଲେଜର ଅଧ୍ୟାପିକା ଓ ଅଧ୍ୟାପକମାନେ ଶପଥପାଠ କରୁଛନ୍ତି।

# ସାମାଜିକ ପ୍ରଗତିରେ ଦୁର୍ନୀତି ପ୍ରତିବନ୍ଧକ

**ଦୁର୍ନୀତି ନିବାରଣ ସପ୍ତାହ**

ନବରଙ୍ଗପୁର,୩୦।୧୦(ସଦାଶିବ ପ୍ରହରାଜ)



ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ ଦୁର୍ନୀତି ନିବାରଣ ନେଇ ଶପଥପାଠ କରୁଛନ୍ତି ।

ଦେଶର ଆର୍ଥିକ, ରାଜନୈତିକ ଏବଂ ସାମାଜିକ ପ୍ରଗତି ପଥରେ ଦୁର୍ନୀତି ସବୁଠାରୁ ବଡ ପ୍ରତିବନ୍ଧକ। ଦୁର୍ନୀତିର ମୂଳୋତ୍ପାଟନ ପାଇଁ ସମସ୍ତେ ଏକ ହୋଇ କାର୍ଯ୍ୟ କରିବା ଆବଶ୍ୟକ ବୋଲି ଦୁର୍ନୀତି ନିବାରଣ ସପ୍ତାହ–୨୦୨୩ ପାଳନ ଅବସରରେ ଅତିଥିମାନେ ପ୍ରକାଶ କରିଛନ୍ତି। ସଚ୍ଛ ଓ ଦୁର୍ନୀତିମୁକ୍ତ ରାଷ୍ଟ୍ର ଗଠନ ପାଇଁ ଦୁର୍ନୀତି ନିବାରଣ ସପ୍ତାହର ଆବଶ୍ୟକତା ଉପରେ ଆଲୋକପାତ କରି ଅତିଥିମାନେ କହିଥିଲେ ଯେ, ଅକ୍ଟୋବର ୩୦ରୁ ନଭେମ୍ବର ୫ ପର୍ଯ୍ୟନ୍ତ ଏହି ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିସି ମାଧ୍ୟମରେ ରାଜ୍ୟର ସମସ୍ତ କର୍ମଚାରୀ, ନାଗରିକଙ୍କୁ ସାଧୁତାର ଶପଥ ପାଠ କରାଇଥିଲେ। ନବରଙ୍ଗପୁର ଜିଲା ଓ ସମସ୍ତ ବ୍ଲକ ପ୍ରଶାସନ ସତନ୍ତ୍ର ଭାବରେ ଭିସି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନାଗରିକଙ୍କ ପାଇଁ ସାଧୁତାର ଶପଥ ପାଠ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପାଳ କମଳ ଲୋଚନ ମିଶ୍ର, ଏସପି ଏସ.ସୁଶ୍ରୀ, ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ଡେପୁଟି କଲେକ୍ଟର ପି. ମନସ୍ୱିତା, ଜିଲା ମଙ୍ଗଳ ଅଧିକାରୀ ପାଲାକା ରବିନ୍ଦ୍ର, ଡିସ୍ଆଇଓ ବିଶ୍ୱରଞ୍ଜନ ଭୁକ୍ତା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ସହକାରୀ ଜିଲାପାଳ ଆଶୁତୋଷ ପାତ୍ର, ଜିଲା କ୍ରୀଡା ଅଧିକାରୀ ବିନାୟକ ଖାଡାଙ୍ଗା,ରାଜ୍ୟ ଅମଲା ସଂଘ ସଭାପତି ବାଲାଜୀ ସାହଙ୍କ ସହ ଜିଲାପାଳ କାର୍ଯ୍ୟାଳୟର ସମସ୍ତ ଅଧିକାରୀ, କର୍ମଚାରୀ ଶପଥ ପାଠ କରିଥିଲେ।

ସେହିଭଳି ନବରଙ୍ଗପୁର ମହାବିଦ୍ୟାଳୟଠାରେ ମଧ ଦୁର୍ନୀତୀ ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଛି। ଏହା ନଭେମ୍ବର ୫ ପର୍ଯ୍ୟନ୍ତ ଚାଲିବ । ଏଥରର ବିଷୟବସ୍ତୁ 'ଦୁର୍ନୀତିକୁ ବିରୋଧ କରିବା, ରାଷ୍ଟ୍ର ପ୍ରତି ସମର୍ପିତ ରହିବା' ରହିଛି। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଅଧକ୍ଷ ଡ. ଭାସ୍କର ନାଥ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଯୁକ୍ତ ଦୁଇ ଓ ଯୁକ୍ତ ୩ର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା ଓ ଅଧ୍ୟାପିକା ଏବଂ କର୍ମଚାରୀଙ୍କୁ ଅଧକ୍ଷ ଶପଥ ପାଠ କରାଇଥିଲେ। ଦର୍ଶନ ଶାସ୍ତ୍ର ବିଭାଗ ମୁଖ୍ୟ ଶମ୍ଭୁ ପ୍ରସାଦ ହୋତା ଶପଥ ପାଠରେ ସହାୟତା କରିଥିଲେ। ଫଟୋ: ପ୍ରଶାସନିକ ଅଧିକାରୀ, କର୍ମଚାରୀମାନେ ଶପଥପାଠ କରୁଛନ୍ତି।

